# ସମ୍ବଲପୁରରୁ ଶ୍ରୀକ୍ଷେତ୍ର ଗଡ଼ିଲା ଶ୍ରୀଜଗନ୍ନାଥ ଏକ୍ସପ୍ରେସ

**ସମ୍ବଲପୁର, ୧୮।୧(ସମିସ)**

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ ସେବାର ଶୁଭାରମ୍ଭ କରିଛନ୍ତି। ଏହି ବସ ଗୁଡିକ ଜିଲ୍ଲା ସଦର ମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ରକୁ ଚାଲିବ। ସମ୍ବଲପୁର ଲକ୍ଷ୍ମୀ ବସ୍‌ସେବା ଯୋଜନା ଅଧିନରେ ଏହି ବସ୍ ସେବା ଆରମ୍ଭ ହୋଇଛି। ରାଜ୍ୟର ୩୦ଟି ଜିଲ୍ଲାରୁ ୮୦ଟି ସୁପର ପ୍ରିମିୟମ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଏହି ଯୋଜନାରେ ଚଳାଚଳ କରିବ। ଆଜି ପ୍ରଥମ ପର୍ଯ୍ୟାୟରେ ୧୨ ଜିଲ୍ଲାରୁ ଏହି ସେବା ଆରମ୍ଭ ହେଲା। ରାଜ୍ୟବାସୀଙ୍କୁ ପୁରୀଧାମ ଆସି ମହାପ୍ରଭୁଙ୍କ ଦିବ୍ୟ କରିଛି। ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ସୁବିଧା ଦର୍ଶନର ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆରାମଦାୟକ ବସ୍‌ସେବା ଆରମ୍ଭ ହୋଇଛି। ସମସ୍ତେ ସୁବିଧାରେ ପୁରୀ ଆସି ମହାପ୍ରଭୁଙ୍କ କୃପା ଲାଭ କରିବେ, ଏହା ମୋର ବିଶ୍ୱାସ ବୋଲି ସେ କହିଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା ସୁଦୃଢ ହେବ। ମହାପ୍ରଭୁଙ୍କ ଆଶୀର୍ବାଦ ଓ ସମସ୍ତଙ୍କ ସହଯୋଗରେ ଓଡ଼ିଶା ବିକାଶର ଶିଖରରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୫ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଭୂପିନ୍ଦର ସିଂହ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ






## ମହିଳାଙ୍କୁ ରିହାତିରେ ମିଳିବ ଟିକେଟ

ଜିଲ୍ଲାରୁ ମଧ୍ୟ ଆଜି ଶ୍ରୀକ୍ଷେତ୍ରକୁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଗଡିଛି। ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ମା'ମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ର ଟିକେଟ ମୂଲ୍ୟ ମାତ୍ର ୫୦ ପ୍ରତିଶତ ରିହାତିରେ ମିଳିବ। ଲକ୍ଷ୍ମୀ ବସ୍ ଯୋଜନାରେ ମା'ମାନଙ୍କ ପାଇଁ ଟିକେଟ ଦାମ୍ ମାତ୍ର ୫ ଟଙ୍କା ରହିଥିଲା। ଏହା ମା'ମାନଙ୍କ ପାଇଁ ଗମନା ଗମନରେ ବହୁ ସୁବିଧା ଆଣିଛି। ୫ଟି ଉପକ୍ରମରେ ଆରମ୍ଭ ହୋଇଥିବା ଦର୍ଶନ ଲାଭ କରିବା ପାଇଁ ଆମର ଏହି ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ସେବା ଆରମ୍ଭ ହୋଇଛି। ସମସ୍ତେ ଏହାର ସୁଯୋଗ ନିଅନ୍ତୁ ଓ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି ଯେ ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗତକାଲି ଲୋକାର୍ପଣ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ମନ୍ଦିରର ଆହୁରି ଶୋଭା ବର୍ଦ୍ଧନ ହେବା ସହିତ ପରିବେଶକୁ ଆହୁରି ଭକ୍ତିମୟ କାର୍ଯ୍ୟକ୍ରମରେ ଏବେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ପଦକ୍ଷେପ ନିଆଯାଉଛି। ଲୋକପ୍ରିୟ ଲକ୍ଷ୍ମୀ ବସ ଯୋଜନାରେ ପଞ୍ଚାୟତକୁ ବ୍ଲକ ସଦର ମହକୁମା ସହିତ ଯୋଡ଼ିହୋଇଛି। ଯୋଗାଯୋଗ କ୍ଷେତ୍ରରେ ଲକ୍ଷ୍ମୀ ବସ ଏବେ ରୂପାନ୍ତର ଆଣିଛି। ଜିଲ୍ଲା ସଦରମହକୁମାରୁ ଶ୍ରୀକ୍ଷେତ୍ରକୁ ସିଧା ସଳଖ ବସ୍ ବ୍ୟବସ୍ଥା ଦ୍ୱାରା ରାଜ୍ୟର ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ଥିଲେ। ସେହିପରି ସମ୍ବଲପୁର କାର୍ଯ୍ୟକ୍ରମ ସ୍ଥଳରେ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୁଜାରୀ, ଜିଲ୍ଲାପାଳ ଅନନ୍ୟା ଦାସ, ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି କୁମୁଦିନି ନାଏକ, ଆରଟିଓ ରାମଦାସ ଟୁଡୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧିମାନେ ଶ୍ରୀଜଗନ୍ନାଥ ଧାମକୁ ଏହି ଅତ୍ୟାଧୁନିକ ଆରମ ଦାୟକ ବସ ସେବା କରାଯାଇଛି। ଯାହାକି ଶ୍ରଦ୍ଧାଳୁମାନଙ୍କ ପାଇଁ ସୁବିଧା ହେବ ବୋଲି କହିଥିଲେ।

# ଆଜିଠାରୁ ପ୍ରାଣୀଚିକିତ୍ସିକଙ୍କ ସମୂହ ଛୁଟି



**ସମ୍ବଲପୁର, ୧୮।୧(ସମିସ)**:ଓଡ଼ିଶା ପ୍ରାଣିଚିକିତ୍ସା ସେବା ସଂଘ ଶାଖା ସମ୍ବଲପୁରର ସମସ୍ତ ପ୍ରାଣୀଚିକିତ୍ସକ ଆଜି ଠାରୁ ଛୁଟିରେ ଯାଇଛନ୍ତି। ସେମାନଙ୍କ ବିଭିନ୍ନ ଦାବି ପୁରଣ ନହେବା କାରଣରେ ସମୂହ ଛୁଟି ଯିବାକୁ ପୁର୍ବରୁ ଘୋଷଣା କରିଥିଲେ। ସେମାନଙ୍କ ଅଭିଯୋଗ କ୍ରମେ ପ୍ରାଣୀଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ରହିଛି। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ରାଜ୍ୟରେ ପ୍ରାଣୀପାଳନର ପରିଭାଷା ବଦଳିଛି। ପ୍ରାଣୀପାଳକମାନେ ଆଜିର ସମୟରେ ବଡ ବଡ ସଂଗଠିତ ଫାର୍ମ ତିଆରି କରି ଅଧିକ ସଂଖ୍ୟାରେ ପ୍ରାଣୀପାଳନ କରୁଛନ୍ତି। ଦେଶୀ ପ୍ରାଣୀସମ୍ପଦ ସ୍ଥାନରେ ଆଜି ବିଦେଶୀ ଓ ଉନ୍ନତ ପ୍ରଜାତିର ପ୍ରାଣୀପାଳନ କରୁଛନ୍ତି। ତାହା ସହିତ ସହରିକରଣ, ଉଦ୍ୟୋଗୀକରଣ ଓ ସୂଚନା-ପ୍ରଯୁକ୍ତି ବିଦ୍ୟାର ପ୍ରଭୁତ ପ୍ରଗତି ମଧ୍ୟ ରାଜ୍ୟରେ ପ୍ରାଣୀପାଳନ ବ୍ୟବସ୍ଥାକୁ ବହୁ ପରିମାଣରେ ପ୍ରଭାବିତ କରିଛି। ନିଶୁଳ୍କ ଚିକିତ୍ସା ସେବା, ୨୪ ଘଣ୍ଟିଆ ବିଶେଷଜ୍ଞ ସେବା, ରେଫରାଲ ସୁବିଧା ସେବା, ଦ୍ୱାରଦେଶରେ ଚିକିତ୍ସା, ଇତ୍ୟାଦି ସେବା ଯୋଗାଇ ଆସୁଛନ୍ତି। ରାଜ୍ୟରେ ୧୯୧୦ ଡାକ୍ତରଙ୍କ କାମ ୧୩୦୦ ଡାକ୍ତର ତୁଲାଉଥିବା ବେଳେ ଚାକିରି କ୍ଷେତ୍ରରେ ପଦୋନ୍ନତିର ସୁବିଧା ନ ଥିବା ସେମାନଙ୍କୁ ହତୋତ୍ସାହିତ କରିଛି। ଗୋଟିଏ ଦରମା ହାରରେ କାର୍ଯ୍ୟ କରିବାକୁ ପଡୁଛି। କର୍ମଚାରୀ ପଦବୀ ମଧ୍ୟ ଖାଲି ପଡ଼ିଛି, ଯାହାକି ପ୍ରାଣିଚିକିତ୍ସକ ମାନଙ୍କୁ ଚାପଗ୍ରସ୍ତ କରୁଛି। ସେହିପରି କାର୍ଯ୍ୟ ସମୟ ପରେ ଓ ଛୁଟି ଦିନରେ ମଧ୍ୟ ସରକାରୀ କାମ ପାଇଁ ବାଧ୍ୟ କରାଯିବା, କାର୍ଯ୍ୟ ସମୟ ପରେ ପ୍ରାଇଭେଟ ପ୍ରାକ୍ଟିସ କରୁଥିବା ପ୍ରାଣୀ ଚିକିତ୍ସକ ମାନଙ୍କୁ ବିଭିନ୍ନ ପ୍ରକାରେ ହଇରାଣ ହରକତ କରାଯିବା ଇତ୍ୟାଦି ଯୋଗୁଁ ଆଜି ରାଜ୍ୟର ପ୍ରାଣୀ ଚିକିତ୍ସକମାନେ ମାନସିକ ଦୁର୍ଶ୍ଚିନ୍ତାରେ ରହୁଛନ୍ତି ବୋଲି ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ସେଥିପାଇ ପ୍ରାଣୀପାଳନ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରଣ ସହିତ ସେଥିପାଇଁ ଆବଶ୍ୟକ କ୍ୟାଡ଼ର ପୁନର୍ଗଠନ ପାଇଁ ସଂଘ ଦାବି କରିଛନ୍ତି। କେନ୍ଦ୍ରୀୟ ହାରରେ ଡିଏସିପି ଏବଂ ଏନପିଏ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ସଂଘ ତରଫରୁ ଦାବି କରାଯାଇଛି। ଶିକ୍ଷାଗତ ଓ ବୃତ୍ତିଗତ ସମାନତା ଆଧାରରେ ପଞ୍ଚମ, ଷଷ୍ଠ ଓ ସପ୍ତମ ବେତନ କମିଶନ ସାଧାରଣ ବର୍ଗ ଡାକ୍ତର ଓ ପ୍ରାଣିଚିକିତ୍ସକ ମାନଙ୍କପାଇଁ ସମାନ ଦରମା ଓ ପଦୋନ୍ନତି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶରେ ଅନ୍ୟରାଜ୍ୟମାନେ ଏପରି ସମାନତା ବଜାୟ ରଖୁଥିବା ବେଳେ ଓଡ଼ିଶା ସରକାର କ୍ରମାଗତ ଭାବରେ ଏଥିରେ ବ୍ୟତିକ୍ରମ କରିଚାଲିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

# ମଡ଼ର୍ଣ୍ଣ ପବ୍ଲିକ୍ ସ୍କୁଲ ରେଙ୍ଗାଲିର ବାର୍ଷିକୋତ୍ସବ

**ରେଙ୍ଗାଲି, ୧୮।୧(ସମିସ)**: ସମ୍ବଲପୁର ଜିଲ୍ଲା ରେଙ୍ଗାଳି ସ୍ଥିତ ସର୍ବ ପୁରାତନ ବେସରକାରୀ ଶିକ୍ଷାନୁଷ୍ଠାନ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ର ୨୮ ତମ ବାର୍ଷିକୋତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଅବସରରେ ଶିକ୍ଷାବିତ୍, ସମାଜସେବୀ ତଥା ସୁସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ଉଭୟ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ ଯୋଗଦେଇ ମା ସମଲେଇଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିବା ସହ ପୁରସ୍କାର ବିତରଣ ଓ ଶିକ୍ଷା ବିତରଣ ରେ ଶିକ୍ଷକ ଓ ଅଭିଭାବକ ତଥା ଶିକ୍ଷାନୁଷ୍ଠାନ ର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।। ସ୍କୁଲ ପରିଚାଳନା କମିଟି ର ସଭାପତି ଡାକ୍ତର ଅର୍ଜୁନ ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଅନ୍ତର୍ଯ୍ୟାମୀ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗଡ଼ିଆ, ବିନୋଦ ନନ୍ଦ, ବିଶ୍ୱାଳ କେଶନ ବିଶ୍ୱାଳ ଓ ଅନ୍ୟ ମାନ୍ୟ ଗଣ୍ୟ ବ୍ୟକ୍ତି ଗଣ କୃତି ଛାତ୍ର, ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅତିଥି ସୁବାସ ନାୟକ ଙ୍କୁ ଉତ୍ତରୀ ଓ ଉପଢ଼ୌକନ ଦେଇ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ବିଶ୍ୱନାଥ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ।କାର୍ଯ୍ୟକ୍ରମ ଶେଷରେ ଖଚାଖଚ ଦର୍ଶକଙ୍କ ଭିଡ଼ ଭିତରେ ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନରେ ସ୍କୁଲ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବାଲ ନିକେତନ ପିଲାଙ୍କ ପିକ୍‌ନିକ୍

**ସମ୍ବଲପୁର, ୧୮। ୧(ସମିସ)**: ସମ୍ବଲପୁର ସହରର କଚେରୀ ଛକରୁ ଛଚାନପାଲି ରୁକ୍ମିଣୀ ଲାଠ ବାଲ ନିକେତନର ଅନ୍ତୋବାସୀମାନେ ଏକ ସ୍ୱତନ୍ତ୍ର ଗାଡିରେ ପିକନିକ ଯାଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷ ବାଳନିକେତନରେ ୮୦ ଅନ୍ତେବାସୀଙ୍କୁ ଏନେଇ ଏକ ସ୍ୱତନ୍ତ୍ର ବସରେ ପିକନିକ ଯାତ୍ରା ଆୟୋଜନ କରାଯାଇଥିବା ବେଳେ ଏହା ଡେବ୍ରିଗଡ଼ ଅଭୟାରଣ୍ୟ ଯାଇଥିଲେ। ତେବେ ଅନ୍ତେବାସୀଙ୍କୁ ନେଇକି ଯାଉଥିବା ଏହି ସ୍ୱତନ୍ତ୍ର ବସକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପତାକା ଦେଖାଇ ଅତିରିକ୍ତ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ। ବାଲକିସନ ପଟ୍ଟୱାରି ଚାରିଟେବୁଲ ଟ୍ରଷ୍ଟ ସମ୍ବଲପୁର ସହଯୋଗରେ ଅନୁଷ୍ଠିତ ହେଉଥିବା ବେଳେ ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ, ବାଲକିସନ ପଟ୍ଟୱାରୀ ଟ୍ରଷ୍ଟ ପକ୍ଷରୁ ଅରୁଣ ପଟ୍ଟୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ପରିଦର୍ଶନ କରିଥିଲେ। ତିନି ଦିନିଆ କାର୍ଯ୍ୟକ୍ରମ ରହିଛି। ଆସନ୍ତା କାଲି ୧୯ ତାରିଖରେ ଯୁଯୁମୁରା ସ୍ଥିତ ଡ. ଆଇସାକ ସାନ୍ତ୍ରା ବାଲ ନିକେତନରୁ ୭୫ ଜଣ ଓ ଜାନୁଆରୀ ୨୦ ତାରିଖରେ ଉତ୍କଳ ବାଲାଶ୍ରମ, ଧନକଉଡ଼ାର ପିଲାମାନେ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ପରିଦର୍ଶନ କରିବେ।




# କୃଷ୍ଣ ମନ୍ଦିରରୁ ମୂର୍ତ୍ତି ଚୋରି ଅଭିଯୋଗ, ଜଣେ ଗିରଫ

**ବୁର୍ଲା, ୧୮।୧(ସମିସ)**: ଗତ ଡିସେମ୍ବର ମାସରେ ବୁର୍ଲା ସ୍ଥିତ କୃଷ୍ଣ ମନ୍ଦିରରୁ ଭଗବାନ ଲକ୍ଷ୍ମୀ ନାରାୟଣ ଓ ଆଣ୍ଠୁଆ ଗୋପାଳ, ନାଗର ପିତ୍ତଳ ମୂର୍ତ୍ତି ଚୋରି ହୋଇଥିଲା। ତେବେ ବୁର୍ଲା ପୋଲିସ ଆଜି ଅଭିଯୁକ୍ତକୁ ଧରିବାରେ ସଫଳ ହେବା ସହ ଚୋରି ହୋଇଥିବା ସମସ୍ତ ପିତ୍ତଳ ମୂର୍ତ୍ତି ତଥା ସାମଗ୍ରୀ ପୁଲିସ ଜବତ କରିଛି। ଏହା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଓ୍ୱାନ ଆର୍ କଲୋନୀର ବିକାଶ ଡୁଙ୍ଗୁରୀ (୨୪)। ସୂଚନା ଅନୁସାରେ ଗତ ଡିସେମ୍ବର ୧୨ ତାରିଖରେ ରାତ୍ରିରେ କୃଷ୍ଣ ମନ୍ଦିରରୁ ଗବାନ ଲକ୍ଷ୍ମୀ ନାରାୟଣ ଓ ଆଣ୍ଠୁଆ ଗୋପାଳ, ନାଗର ପିତ୍ତଳ ମୂର୍ତ୍ତି ସମେତ ଏକ ଘଣ୍ଟା, ପିତ୍ତଳ ଥାଳି ହୋଇଥିଲା। ଏନେଇ ମନ୍ଦିର କମିଟି ପକ୍ଷରୁ ବୁର୍ଲା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ସାମଗ୍ରୀ ସବୁ ଉଦ୍ଧାର କରିଛି।

# ପାଞ୍ଚଫୁଟ ସ୍କୁଲରେ ଭାଷାସାହିତ୍ୟ ଉତ୍ସବ

**ମାନେଶ୍ୱର,୧୮।୧(ସମିସ)**: ମାନେଶ୍ୱର ବ୍ଲକର ପାଞ୍ଚଫୁଟ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଏଥିରେ ଛାତ୍ରଛାତ୍ରୀମାନେ ନିଜ ହସ୍ତଲେଖା ବହି ଓ ପ୍ରାଚୀର ପତ୍ରିକା ପ୍ରଦର୍ଶନ କରିବା ସହ ଗଳ୍ପ ପଠନ, କବିତା ଆବୃତ୍ତି, ପୁସ୍ତକ ସମୀକ୍ଷା କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀମାନେ ପ୍ରସ୍ତୁତ କରିଥିବା ଓଡ଼ିଶାର ଖାଦ୍ୟ ଓ ହସ୍ତଶିଳ୍ପ ମଧ୍ୟ ପ୍ରଦର୍ଶିତ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ୍ ରଘୁନାଥ ବେହେରା ପ୍ରଦର୍ଶନୀକୁ ଉଦଘାଟନ




କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳତା ବ୍ୟକ୍ତିତ୍ୱ ବିକାଶ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବରେ ଧମା କ୍ଲଷ୍ଟର ସଂଯୋଜକ ସୁଜିତ ରଣବିଡା ଯୋଗ ଦେଇ ନିଜ ଅଞ୍ଚଳରେ ପ୍ରଚଳିତ ଲୋକକଥା, ଢଗ ବଞ୍ଚାଇ ରଖିବା ଲାଗି ଗୁରୁତ୍ୱ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶିକ୍ଷକ ମଧୁସୂଦନ ମିଶ୍ର। ଛାତ୍ରଛାତ୍ରୀମାନେ ନୂତନ ଭାବେ ପଢ଼ାଯାଉଥିବା ଆକାଂକ୍ଷୀ ପଠ୍ୟକ୍ରମ ଅନ୍ତର୍ଗତ ଜିଜ୍ଞାସା, କୌଶଳୀ ଓ କ୍ରୀଡାଙ୍ଗନର ପ୍ରକଳ୍ପକୁ ଅତିଥିବୃନ୍ଦ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀମାନେ ବୁଲି ଦେଖିଥିଲେ। ମୁଖ୍ୟ ଅତିଥି ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଙ୍ଗଲୁ ମେହେର, ସ୍କୁଲ ପରିଚାଳନା କମିଟି ମୁଖ୍ୟ ପରିତୋଷ ରାଉତ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶିକ୍ଷୟିତ୍ରୀ ପୁଷ୍ପା ଡନସନା, ସ୍ୱର୍ଣ୍ଣଲତା ମାହାଣା, ଜ୍ୟୋତି ଭୋଇ, ଶିକ୍ଷକ ସୀତାରାମ ସାହୁ, ବିକାଶ ଓରାମ, ସୁଜିତ ଭୋଇ, ସତ୍ୟଜିତ ବେହେରା, ଭଗବାନ ଝାଙ୍କର, ମାନସ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଜଳିଗଲା ଧାନଗଦା

**ରେଢାଖୋଲ, ୧୮।୧ (ସମିସ)**: ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ଼ ଗ୍ରାମ ପଞ୍ଚାୟତ ଅଧୀନ ମହୁଲମୁଣ୍ଡା ଗ୍ରାମରେ ଜଣେ ଚାଷୀଙ୍କ ଖଳାରେ ନିଆଁ ଲାଗି ଅମଳ ହୋଇଥିବା ଧାନ ସହ ପାଳଗଦା ଜଳିପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ମହୁଲମୁଣ୍ଡା ଗ୍ରାମର ବାସିନ୍ଦା ରଞ୍ଜିତ ସାହୁ ନାମକ ଜନୈକ ବ୍ୟକ୍ତିଙ୍କ ତିନି ଏକର ଜମି ଭାଗ ଚାଷ ହିସାବରେ ଚାଷ କରିଥିଲେ। ସେଥିରୁ ଅମଳ ହୋଇଥିବା ଧାନରୁ କିଛି ଘରକୁ ନେଇଥିବା ବେଳେ ପ୍ରାୟ ତିନି କ୍ୱିଣ୍ଟାଲ ଧାନ ଖଳାରେ ଥିବା ପାଳଗଦା ତଳେ ରଖିଥିଲେ। ଆଜି ଚାଷୀ ରଞ୍ଜିତ ପାଳଗଦାରେ ନିଆଁ ଲାଗିଥିବା ଦେଖି ସଙ୍ଗେ ସଙ୍ଗେ ରେଢ଼ାଖୋଲ ଅଗ୍ନିଶମ ବିଭାଗକୁ ଖବର ଦେବା ସହିତ ଗ୍ରାମବାସୀଙ୍କ ସହ ନିଆଁ ଲିଭେଇବା ପାଇଁ ଉଦ୍ୟମ ଜାରି ରଖିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଗ୍ରାମରେ ପହଞ୍ଚିଲା ବେଳକୁ ସମସ୍ତ ଅମଳ ହୋଇଥିବା ଧାନ ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଉଛି।




## ୨୧ରେ ପିଏଚଡି ପଡ଼ିଆରେ ପୁସ୍ତକ ମେଳା

# ବିବିଧ ପ୍ରତିଯୋଗିତା, ମନୋରଞ୍ଜନ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୮।୧ (ସମିସ)**: ସମ୍ବଲପୁର ପିଏଚଡି ପଡ଼ିଆରେ ଜାନୁଆରୀ ୨୧ ତାରିଖରୁ ପୁସ୍ତକ ମେଳା ଅନୁଷ୍ଠିତ ହେବ। ପ୍ରତିଷ୍ଠିତ ଲେଖକ, କବିମାନଙ୍କ ବହି ଗୁଡିକ ପ୍ରଦର୍ଶିତ ହେବ। ଏହା ସହ ପ୍ରତିଦିନି ବିବିଧ ପ୍ରତିଯୋଗିତା ହେବା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ। ପୁସ୍ତକ ମେଳାକୁ ପୁସ୍ତକ ଉତ୍ସବ ଭଳିଆ କରିବାକୁ ପ୍ରୟାସ କରାଯାଇଛି ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ନେସ୍‌ନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆର ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ କହିଥିଲେ। ସେ ଆହୁରୀ କହିଥିଲେଯେ, କେନ୍ଦ୍ର ଶିକ୍ଷା ବିଭାଗ, ନେସ୍‌ନାଲ ବୁକ୍ ଟ୍ରଷ୍ଟ ମିଳିତ ଅନୁକୂଲ୍ୟରେ ସେତୁ ଅନୁଷ୍ଠାନର ସହଯୋଗରେ ପିଏଚ୍‌ଡି ପଡ଼ିଆରେ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ କୋଣ ଅନୁକୋଣର କବି, ଲେଖକ ଆସିବାର ସ୍ଥିର ହୋଇଛି। ଯୁବ ସମାଜକୁ ଛାତ୍ରୀଛାତ୍ରମାନଙ୍କୁ ପୁସ୍ତକ ସହିତ ଯୋଡ଼ିବାକୁ ପ୍ରୟାସ କରାଯାଇଛି। ଏହି ମେଳାରେ କେବଳ ଯେ ପୁସ୍ତକ କିଣାବିକା ପାଇଁ ନୁହେଁ ବରଂ କଳା ସାହିତ୍ୟ ଓ ସଂସ୍କୃତିର ମିଳନ ମଧ୍ୟ ଦେଖିବାକୁ ମିଳିବ। କାର୍ଯ୍ୟକ୍ରମକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବେ। ଏହା ୨୧ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ହେବ। ପୂର୍ବରୁ ସେତୁ ଅନୁଷ୍ଠାନ ଦ୍ୱାରା ହୋଇ ଆସୁଥିବା ଏହି ପୁସ୍ତକ ମେଳାକୁ ଏନ୍‌ବିଟି ଆହୁରି ଭଲ ଭାବେ କରିବାକୁ ଯୋଜନା କରିଛି। ଯେଉଁଥିରେ ସାରା ଭାରତର ସବୁ ଭାଷାର ପୁସ୍ତକ ମିଳିବ। ମେଳାକୁ ଯିବା ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏଠାରୁ ପୁସ୍ତକ ସଂଗ୍ରହ କରିପାରିବେ। ମଧ୍ୟାହ୍ନ ୧୨ରୁ ରାତି ୯ଟା ପର୍ଯ୍ୟନ୍ତ ମେଳା ଖୋଲା ରହିବ। ଏହି ସମୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବ। ୧୧ଟା ୩୦ରୁ ୧ଟା ୩୦ ପର୍ଯ୍ୟନ୍ତ ପିଲାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହେବ। ସନ୍ଧ୍ୟା ୪ଟା ୩୦ରୁ ୬ଟା ୩୦ ପର୍ଯ୍ୟନ୍ତ ସାହିତ୍ୟ ଆଲୋଚନା ଓ ୬ଟା ୩୦ରୁ ରାତି ୯ଟା ପର୍ଯ୍ୟନ୍ତ ସାସ୍କୃତିକ କାର୍ଯ୍ୟକ୍ରମ ହେବ। ଏନ୍‌ବିଟି ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମର ସିଧାପ୍ରସାରଣ ହେବ। ପିଲାଙ୍କ ପାଇଁ ଅନେକ ପ୍ରକାର କର୍ମଶାଳାର ବ୍ୟବସ୍ଥା ରହିବ। ଏଥିସହ ଏକ ମହାନଦୀ ପୁସ୍ତକ ପରିକ୍ରମା କରାଯିବ। ଯେଉ ଗାଡ଼ି ସମ୍ବଲପୁରର ବିଭିନ୍ନ ଅଞ୍ଚଳ ବୁଲିବ। ଏହା ମଧ୍ୟମରେ ପିଲା ସାରା ଭାରତର ଭାଷା ବିଷୟରେ ଥିବା ପୁସ୍ତକ ପାଇପାରିବେ। ଏଥିସହ ଏଠାକାର ସାହିତ୍ୟ କିପରି ବିଦେଶୀ ଭାଷାରେ ପ୍ରକାଶ ପାଇ ପାରିବ ସେଥି ପ୍ରତି ମଧ୍ୟ ଏନ୍‌ବିଟି କାର୍ଯ୍ୟ କରିବ ବୋଲି ସୂଚନା ଦେଇଛନ୍ତି। ସଭା କାର୍ଯ୍ୟକୁ ସେତୁର ସଭାପତି ଡ.ମୀନକେତନ ପାଠୀ ପରିଚାଳନା କରିଥିବା ବେଳେ ଶେଷରେ ଅନୁଷ୍ଠାନର ସମ୍ପାଦକ ସୁକାନ୍ତ କର ଧନ୍ୟବାଦ ଦେଇଥିଲେ।




## ୨୭ରେ ସମଲେଇ ପ୍ରକଳ୍ପ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

# ସମୀକ୍ଷା କଲେ ପର୍ଯ୍ୟବେକ୍ଷକ ମାନସ ମଙ୍ଗରାଜ, ବବି

**ସମ୍ବଲପୁର, ୧୮।୧(ସମିସ)**

ସମ୍ବଲପୁର ସମଲେଇ ମନ୍ଦିର ରୂପାନ୍ତରଣ ପ୍ରକଳ୍ପ ଜାନୁଆରୀ ୨୭ ତାରିଖରେ ଲୋକାର୍ପଣ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଇ ମନ୍ଦିର ଆସି ପୂଜାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ଆଜି ସମ୍ବଲପୁର ଲୋକସଭା ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ଏମ୍‌ପି ମାନସ ମଙ୍ଗରାଜ, ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଗସ୍ତ କରି ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲ୍ଲାପାଳ ଅନନ୍ୟା ଦାସ, ଉତ୍ତରାଞ୍ଚଳ ପୁଲିସ ଆଇଜି ଡ.ଦୀପକ କୁମାର, ଏସପି ମୁକେଶ କୁମାର ଭାମୁଙ୍କ ସହ ଜିଲ୍ଲାପାଳ ଦାସଙ୍କ ବାସଭବନ କାର୍ଯ୍ୟାଳୟରେ ବୈଠକ କରିଛନ୍ତି। ସମଲେଇ ଲୋକାର୍ପଣ ପ୍ରକଳ୍ପରେ ଶ୍ରଦ୍ଧାଳୁମାନେ କିପରି ଆସିବେ ସେମାନଙ୍କ ସୁବ୍ୟବସ୍ଥିତ ଦର୍ଶନ କରିବା ଭଳି ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନାରେ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ ଓ ବିଜେଡି ରେଙ୍ଗାଳି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ମଧ୍ୟ ସାମିଲ ଥିଲେ। ଅନ୍ୟପଟେ ସାର୍କିଟ ହାଉସରେ ଦଳୀୟ ନେତା ଓ କର୍ମୀମାନଙ୍କୁ ନେଇ ବୈଠକ କରିଥିଲେ। ଜିଲ୍ଲାର ରେଙ୍ଗାଲି, କୁଚିଣ୍ଡା, ରେଢାଖୋଲ ଓ ସମ୍ବଲପୁର ୪ ବିଧାନସଭାର ନେତୃତ୍ୱମାନଙ୍କୁ ପୃଥକ ପୃଥକ ଭାବେ ବୈଠକ କରି ଆଲୋଚନା କରିଥିଲେ। ଦଳର ସଂଗଠନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇ ସେମାନଙ୍କ ସମସ୍ୟା ଦୂର କରିବାକୁ କହିଥିଲେ। ଏକାଠି ହୋଇ କାମ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସୂଚନା ଯୋଗ୍ୟଯେ, ୨୭ ତାରିଖ ସମଲେଇ ପ୍ରକଳ୍ପ ଲୋକାର୍ପଣ ହେବ। ଦୁଇଟି ପର୍ଯ୍ୟାୟରେ ୪୦୦ କୋଟି ଅନୁଦାନ ମଞ୍ଜୁର ହୋଇଛି।






## ବ୍ରାହ୍ମଣୀପାଲିରେ ରକ୍ତଦାନ ଶିବିର

# ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ

**ରେଢ଼ାଖୋଲ, ୧୮।୧(ସମିସ)**: ଆରୀୟନ ଫାଉଣ୍ଡେସନ ରେଢ଼ାଖୋଲ ଏବଂ ଡିଗିଦେବୀ ଯୁବ କମିଟି ବ୍ରାହ୍ମଣୀପାଲି, ବ୍ଲକ କିଶୋରନଗର ତରଫରୁ ବ୍ରାହ୍ମଣୀପାଲି ଠାରେ ମକର ସଂକ୍ରାନ୍ତି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରିୟନ ଫାଉଣ୍ଡେସନ (ସମାଜ ପାଇଁ ସେବା)ର ପ୍ରତିଷ୍ଠାତା ତଥା ସଭାପତି



ପପୁନ ସାମଲଙ୍କ ନେତୃତ୍ୱରେ ଆୟୋଜିତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବରେ ଜୟରାଟ ଗ୍ରାମ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ରଥ ଯୋଗ ଦେଇଥିଲେ। ରକ୍ତଦାନ ଶିବିରରେ ମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିର ରେ ମାଁ ଡିଗିଦେବୀ ଯୁବ କମିଟିର ସମସ୍ତ କର୍ମକର୍ତ୍ତା ଓ ଆରିୟନ ଫାଉଣ୍ଡେସନ ସଦସ୍ୟ ହେମନ୍ତ ପ୍ରଧାନ, ଦୁଃଶାସନ ବେହେରା, ଲିଜେନ୍ ବାରିକ, ଶାନ୍ତିଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ରେଢ଼ାଖୋଲ ରକ୍ତ ଭଣ୍ଡାରର ଲେବ ଟେକନିସିଆନ ଇନ୍ଦ୍ରମଣି ବେହେରା, ମନୋରମା ଧଳ ଓ ଅନ୍ୟ ଷ୍ଟାଫ୍‌ମାନେ ସହଯୋଗ କରିଥିଲେ।























**ମଥୁରାନଗରୀ:** ଧନୁଯାତ୍ରାର ଚତୁର୍ଥ ଦିବସରେ କୃଷ୍ଣ ବଳରାମଙ୍କୁ ଗାଁ ଦାଣ୍ଡରେ ସ୍ୱାଗତ କରିବା ପାଇଁ ଚିତ୍ରାଙ୍କନ କରାଯାଇ ପୂର୍ଣ୍ଣ କଳସ ସ୍ଥାପନ କରିବା ସହ ଘରେ ଘରେ ଧୂପଦୀପ ଦେଇ ପାଦ ପ୍ରକ୍ଷାଳନ କରିଥିଲେ ଗୋପପୁରବାସୀ। ସେହିପରି ସାମାନ୍ୟ ଛାର ବାଳକଟିକୁ ମାରିବା ପାଇଁ କଂସରାଜାଙ୍କ ନିମନ୍ତ୍ରଣ ନେଇ ମନରେ ବିସ୍ମୟ ଜାତ ହେଉଥିଲେ ମଧ ଷଡ଼ମଲ୍ଲ। ଗୋପାଭିମୁଖୀ ହୋଇ ନିଜର ମାୟା ଯୁଦ୍ଧ ପାଇଁ ରାଜାଙ୍କ ଆଦେଶକୁ ଅବମାନନା କରି ନାହାନ୍ତି। ନିଜର ମୃତ୍ୟୁ ସୁନିଶ୍ଚିତ ଜାଣି ସୁଦ୍ଧା ଅସୁର ଯୋଦ୍ଧାମାନେ ଗୋପକୁ ପ୍ରବେଶ କରିଛନ୍ତି। କୃଷ୍ଣ ବେନିଭାଇ ଆଜି ଗୋଚାରଣ ସମୟରେ କଂସ ଦ୍ୱାରା ପ୍ରେରିତ ରାକ୍ଷସ-ରାକ୍ଷସୀମାନେ ପହଞ୍ଚିଛନ୍ତି। ରାକ୍ଷସୀ ଭଗିନୀ ପୁତନା ନିଜ ସ୍ତନରେ ମାୟାବଳରେ ଉତ୍କଟ ବିଷକୂଟ ଭର୍ତ୍ତି କରି ଶିଶୁ କୃଷ୍ଣଙ୍କୁ ସ୍ତନ୍ୟପାନ କରେଇବା ପାଇଁ ଉଦ୍ୟମ କରିବା ବେଳେ କୃଷ୍ଣ କ୍ଷୀର ସଙ୍ଗେ ପୁତନାର ପ୍ରାଣଶୋଷି ମଥୁରା ନରେଶ ମାମୁ କଂସଙ୍କର କପଟକୁ ଭଣ୍ଡୁର କରିଥିଲେ। ପରେ ଗୋପାଳ ବାଳକମାନଙ୍କ ସହିତ ନିକଟସ୍ଥ ଜଙ୍ଗଲକୁ ଗୋଚାରଣ କରିବାକୁ ଯାଇ କଂସ ଦ୍ୱାରା ପ୍ରେରୀତ ଷଡ଼ମଲ୍ଲ ବକା, ଶକଟା, ଅଘା, ତୃଣା, ଧେନୁକା ଓ ଷଣ୍ଢାସୁରଙ୍କୁ ପର୍ଯ୍ୟାୟକ୍ରମେ ହତ୍ୟାକରି ମାମୁଙ୍କର ସମସ୍ତ ଚକ୍ରାନ୍ତକୁ ଖଣ୍ଡନ କରି ନିଜର ବାଲ୍ୟ ସୁଲଭ ଚପଳାମିରେ ଜଗତ ଉଦ୍ଧାରର ବାର୍ତ୍ତା ପ୍ରେରଣ କରିଥିଲେ। ପୁତନା ସମେତ ଷଡ଼ମଲ୍ଲଙ୍କ ମୃତ୍ୟୁରେ ଗୋପ ଉତ୍ସବମୁଖର ହୋଇପଡ଼ିଥିଲା। ସେହିପରି ମାଟି ଖାଉଥିବା ବେଳେ ମାତା ଯଶୋଦା ନଟଖଟ କୃଷ୍ଣଙ୍କୁ ପାଟି ଆଁ କରିବାକୁ କହି ବିଶ୍ୱ ରୂପ ଦର୍ଶନ କରିଛନ୍ତି ବରଗଡ଼ ଧନୁଯାତ୍ରାର ଚତୁର୍ଥ ଦିବସରେ।

ମଥୁରାରେ ମୃତ୍ୟୁର ଆଭାସରେ ଡ଼ହଳ ବିକଳ କଂସ ମହାରାଜା ମୁକ୍ତେଶ୍ୱର ମହାଦେବଙ୍କୁ ଦର୍ଶନ କରି ରୁଦ୍ରାଭିଷେକ କରିଥିଲେ। ପରେ ରଙ୍ଗମହଲରେ ନୃତ୍ୟଗୀତ ଓ ସୁରାରେ ମସଗୁଲ ରହି ସନ୍ଧ୍ୟାରେ ରାଜଦରବାରକୁ ବିଜେ କରି ରକ୍ଷୀଠାରୁ ପୁତନା ସମେତ ଷଡ଼ମଲ୍ଲଙ୍କର ନିଧନର ଖବର ପାଇ ମର୍ମାହତ ହୋଇ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ରାଜପରିଷଦ ବର୍ଗଙ୍କ ସହିତ ଆଲୋଚନା କରିଥିଲେ। ଚତୁର୍ଥ ଦିବସରେ ରାଜଦରବାର ଏବଂ ରଙ୍ଗମହଲରେ ଜିଗଜାଗ ହୀରାକୁଦ, ଯବାନ କ୍ଲବ ସମ୍ବଲପୁର, ହୀରାକୁଦ କଳା ପରିଷଦ, ମା ସମଲେଶ୍ୱରୀ ନୃତ୍ୟ ଗବେଷଣା କେନ୍ଦ୍ର ତୋରା, ବାରପାହାଡ କଳା ପରିଷଦ କନକବିରା, ଶ୍ରୀଷ୍ଟି ଡେନ୍ସ ଏକାଡେମୀ ଖଡଗପୁର, ଜୟ ମା ଦୁର୍ଗା କଳା ପରିଷଦ, ମୁରିବାହାଲ, ସାନ ଡେନ୍ସ ଏକାଡେମୀ ବରଗଡ଼, ମାଣିକେଶ୍ୱରୀ କଳା ପରିଷଦ ଭବାନୀପାଟଣା, ଆଦିବାସୀ କିଶାନ ନୃତ୍ୟ ସମ୍ବଲପୁର, ଭାରତୀ କଳା ବିକାଶ କେନ୍ଦ୍ର ବୁର୍ଲା ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଗୋପପୁରରେ ସଞ୍ଚାର, ସମଲେଶ୍ୱରୀ କଳା ପରିଷଦ ବଲାଙ୍ଗୀର, ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦ କୁମ୍ଭାରୀ, ପାନପତରି କଳା ପରିଷଦ ବରଗଡ଼ର କଳାକାରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ।

- ମୁକ୍ତେଶ୍ୱର ମହାଦେବଙ୍କ ଦର୍ଶନ ସାରି ମହାରାଜଙ୍କ ରୁଦ୍ରାଭିଷେକ
- ମାମୁ କଂସର ସମସ୍ତ କପଟ ଭଣ୍ଡୁର
- କୃଷ୍ଣ-ବଳରାମଙ୍କୁ ପାଇ ଗୋପପୁରବାସୀ ଭାବବିହ୍ୱଳ
- ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ପ୍ରଦର୍ଶନ
- ରାଜଦରବାର ଓ ରଙ୍ଗମହଲରେ ମନୋରଞ୍ଜନ ଜାରି
- ବାଳକୃଷ୍ଣଙ୍କ ସହ ଗୋପୀଙ୍କ ସେଲ୍‌ଫି











# ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଟ୍ରମ୍ପ କାର୍ଡ ଅଇଁଠୁ ସାହୁ

**ବରଗଡ଼, ୧୮।୧(ସମିସ):** ଧନୁଯାତ୍ରା ଆରମ୍ଭରୁ ବହୁ କଳାକାର ଯାତ୍ରାରେ ଅଭିନୟ କରିଛନ୍ତି। ଯେଉଁମାନେ କଂସ ଭୂମିକାରେ ଅଭିନୟ କରିଛନ୍ତି ସେମାନେ ଏହାକୁ ବାଦ୍ ଦେଇ ଅନ୍ୟ କୌଣସି ଭୂମିକାରେ ଅଭିନୟ କରିନାହାନ୍ତି। ଧନୁଯାତ୍ରାର ଅନ୍ୟତମ ଚରିତ୍ର ମନ୍ତ୍ରୀ ଅକ୍ରୂର, କୃଷ୍ଣ,





ବଳରାମଙ୍କ କଥା ମଧ ସମାନ। ତେବେ ଧନୁଯାତ୍ରା ଏବେ ବିଶ୍ୱପ୍ରସିଦ୍ଧ ହେବା ପରେ ରାଜ୍ୟ ତଥା ଦେଶ ବାହାରର କଳାକାରମାନେ ମଧ ଏଥିରେ ଅଭିନୟ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଯଦିଓ ବର୍ତ୍ତମାନ ମଧ ସ୍ଥାନୀୟ କଳାକାରମାନଙ୍କୁ ସର୍ବାଧିକ ଅଗ୍ରାଧିକାର ଦିଆଯାଉଛି; ତଥାପି ଅଭିନୟକୁ ବଳିଷ୍ଠ କରିବା ପାଇଁ ଏବେ ଅନ୍ୟ ଅଞ୍ଚଳର କଳାକାରଙ୍କୁ ମଧ ସୁଯୋଗ ଦିଆଯାଉଛି। ଧନୁଯାତ୍ରାରେ ମୁଖ୍ୟ ଚରିତ୍ରକୁ ବାଦ ଦେଇ ଅନେକ ଗୌଣ ଚରିତ୍ର ମଧ ରହିଛି। ଯେଉଁ ଚରିତ୍ରର କଳାକାରମାନେ ୧୧ ଦିନରୁ ଦିନେ କିମ୍ବା ଦୁଇ ଦିନ ସୁଯୋଗ ପାଇଥାନ୍ତି। ଏହିପରି ଛୋଟ ଚରିତ୍ରରେ ଅଭିନୟ କରିବା ପାଇଁ ସୁଦୂର ବୀରମହାରାଜପୁରରୁ ପ୍ରଥମ ଦିନରୁ ଆସିଯାଆନ୍ତି କଳାକାର ଅଇଁଠୁ ସାହୁ।

**ବ୍ୟକ୍ତି ଏକ ଭୂମିକା ଅନେକ**

ବୀରମହାରାଜପୁର ବାସିନ୍ଦା ଅଇଁଠୁ ସାହୁ ନିଜର ଅଭିନୟ ପ୍ରତିଭାକୁ ନେଇ ସେ ବରଗଡ଼ ଧନୁଯାତ୍ରାରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ପାଲଟିଥିବା ବେଳେ ୧୧ ଦିନର ଯାତ୍ରାରେ ସେ ଗର୍ଗ ଋଷି, ଦୁର୍ମିଳାସୁର, ଷଣ୍ଡାସୁର, ବାଣାସୁର, ଜରାସନ୍ଧ ତଥା ଶିବ ଭୂମିକାରେ ଅଭିନୟ କରିଥାନ୍ତି। ଅଇଁଠୁ ନିଜ ଅଭିନୟ ପ୍ରତିଭା, ସଂଳାପ ଉଚ୍ଚାରଣ ତଥା ଅଟ୍ଟହାସ୍ୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବରଗଡ଼ ଧନୁଯାତ୍ରାରେ। ସେହିପରି ଅଭିନୟ ବ୍ୟତୀତ ଅଇଁଠୁ ଜଣେ ଭାବଗତ ତଥା ରାମାୟଣ ପ୍ରବଚକ ଭାବେ ପଶ୍ଚିମ ଓଡ଼ିଶାରେ ପରିଚିତ ହୋଇଥିବାରୁ ପୁରାଣ ପାଠ ତାଙ୍କ ଅନ୍ୟତମ ଦୁର୍ବଳତା। ଏତଦ୍ ବ୍ୟତୀତ ସ୍ୱରଚିତ ଗୀତିନାଟ୍ୟ ରାମଲୀଳାରେ ଅଭିନୟ କରିଥିବା ଅଇଁଠୁ ବିଭିନ୍ନ ପୌରାଣିକ ନାଟକରେ ରାବଣ, ଦୁଷ୍ମନ୍ତ, ହରିଶ୍ଚନ୍ଦ୍ର, ସତ୍ୟବାନ ଭୂମିକା କରିଥାନ୍ତି। ସେ ବିଭିନ୍ନ ଟିଭି ସିରିଏଲ ସମେତ ସବ୍ୟସାଚୀ ମହାପାତ୍ରଙ୍କ ଶଳାବୁଢ଼ା ଚଳଚିତ୍ର ଏବଂ ରାଣ୍ଡି ପୁଅ ଅନନ୍ତାରେ ପିଣ୍ଟୁ ନନ୍ଦଙ୍କ ସାଥିରେ ଅଭିନୟ ଦର୍ଶକଙ୍କ ଆଦୃତ ହୋଇପାରିଛି। ତେବେ ବରଗଡ଼ ଧନୁଯାତ୍ରା ସାରା ବିଶ୍ୱରେ ପ୍ରସିଦ୍ଧ ଲାଭ କରିଥିବା ବେଳେ ଏହା କଳାକାରମାନଙ୍କ ଏକ ମହାକୁମ୍ଭ ବୋଲି କହିଥାନ୍ତି ଅଇଁଠୁ ସାହୁ। ଯାହାକୁ ନେଇ ସେ ସ୍ୱତଃପୂର୍ତ୍ତ ଭାବରେ ବୀରମହାରାଜପୁର ମହଦାରୁ ଏଠାକୁ ଚାଲି ଆସିଥାନ୍ତି ବୋଲି ଅଇଁଠୁ ସାହୁ କହିଥାନ୍ତି।

## କାଠ ସହ ଗାଡ଼ି ଜବତ, ଜଣେ ଗିରଫ

**ପଦ୍ମପୁର, ୧୮।୧ (ସମିସ):** ପଦ୍ମପୁର ବନ ବିଭାଗ ପକ୍ଷରୁ ଟେଙ୍ଗନାପାଲି ସାନସାହାଜବାହାଲି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତାରେ ନାକା କରାଯାଇଥିଲା। ଏହି ସମୟରେ ଏକ ମିନି ଟ୍ରକ ଦ୍ରୁତ ଗତିରେ ଆସୁଥିଲା। ତାକୁ ଅଟକ ରଖି ତନଖିବାରୁ ୩ଲକ୍ଷ ୨୫ ହଜାର ଟଙ୍କା ମୂଲ୍ୟର ଖଇର କାଠ ଭର୍ତ୍ତି ରହିଥିଲା। ମିନି ଟ୍ରକ ସହ ବରଗଡ ନିକଟସ୍ଥ ବାଗଡିଆ ଗ୍ରାମର ବସନ୍ତ ଭୋଇକୁ ବନ ବିଭାଗ ଅଟକ ରଖି ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛି। ପଦ୍ମପୁର ଡେପୁଟୀ ରେଞ୍ଜର ସୁଦାମ ଜଗଦଲା, ଫରେଷ୍ଟର ଅଶ୍ୱିନୀ ଭୋଇ, ରାଧାକାନ୍ତ କୁମ୍ଭାର, ଦିବାକର ପ୍ରଧାନ, କୁଳମଣି ସାହୁ ଓ ସହକର୍ମୀ ମନ ଥେଟୁଆ, କେଶରଞ୍ଜନ ବୁଡେକ ପ୍ରମୁଖ ଏହି ଚଢଉରେ ସାମିଲ ଥିଲେ।



## ଧନୁଯାତ୍ରା ମହୋତ୍ସବ ପ୍ରଚାର ପ୍ରସାର କମିଟି ତରଫରୁ ଚିତ୍ରକଳା ଶିବିର

# କାନଭାସ ଓ ରଙ୍ଗ ତୂଳୀରେ ଧନୁଯାତ୍ରା

**ବରଗଡ଼, ୧୮।୧(ସମିସ)**

ଗାନ୍ଧୀ ପାର୍କରେ ଧନୁଯାତ୍ରା ପଚାର ପ୍ରସାର କମିଟି ତରଫରୁ ଚିତ୍ରଶିଳ୍ପୀଙ୍କୁ ନେଇ ଏକ ଚିତ୍ରକଳା ଶିବିର ଆୟୋଜନ କରାଯାଇଥିଲା। ଧନୁଯାତ୍ରାର ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ଚିତ୍ରକଳା ଶିବିରରେ ବରଗଡ ତଥା ଆଖପାଖ ଜିଲ୍ଲାର ୧୮ ଜଣ ଜାତୀୟ ଖ୍ୟାତିସଂପନ୍ନ ଚିତ୍ରକର ଭାଗ ନେଇ ବିଭିନ୍ନ ଚିତ୍ର ଅଙ୍କିଥିଲେ। ଶିବିରକୁ ବରଗଡ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବରେ ଉଦଘାଟନ କରିଥିଲେ। ପ୍ରଚାର ପ୍ରସାର କମିଟି ଆବାହକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ତଥା ଆବାହକ ସୁରେଶ୍ୱର ଶତପଥୀ, ରଙ୍ଗ ମହଲ କମିଟିର ଆବାହକ କିଶୋର ମିଶ୍ର ପ୍ରମୁଖ ଅତିଥି ଭାବରେ



ଯୋଗ ଦେଇଥିଲେ। ପ୍ରଚାର ପ୍ରସାର କମିଟିର କାର୍ଯ୍ୟକାରୀ ସହ ଆବାହକ ରବି ପଣ୍ଡା, ସଦସ୍ୟ ତଥା କାର୍ଯ୍ୟକ୍ରମର ସଂଯୋଜକ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଭୋଇ, ଚିତ୍ରଶିଳ୍ପୀ କୁଶ ଭୂୟାଁ, ସାମ୍ବାଦିକ ସଞ୍ଜୀବ ମହାପାତ୍ର, ବଦ୍ରୀପ୍ରସାଦ ସାହୁ, ବାଲାଜୀ ବିଭୂରଞ୍ଜନ ତରାଶିଆ, ଆଶୁତୋଷ ରଥ, ସତ୍ୟଜିତ ଦାଶ, ଏମ ଡି ନିଜାମ୍, ସେକ ନଶୀମୁଦ୍ଦିନ, ରମଣୀ ରଂଜନ ବେହେରା, ଶ୍ରୀକାନ୍ତ ମଟାରୀ, ପ୍ରଦୀପ ପାଢ଼ୀ ସହଯୋଗ କରିଥିଲେ। ଶିବିରରେ ବଲାଙ୍ଗିରରୁ ଦିଲୀପ ସିଂହଦେଓ, ବରଗଡରୁ କୁଶ ଭୂୟାଁ, କେଦାର ନାୟକ, ଜିତେନ୍ଦ୍ର ଦାଶ, ଅମୂଲ୍ୟ ସିକନ୍ଦର, କିଶୋର କୁଁଅର, ହେମନ୍ତ ବିଶି, ବୃନ୍ଦାବନ ବିଶି, ଦୁଃଖୀସେବକ ସାହୁ, ପାଟଣାଗଡରୁ ଲିନା ମେହେର, ସମ୍ବଲପୁରରୁ ବନ୍ଦନା ପଣ୍ଡା, ସମ୍ବଲପୁରରୁ କୁଲଦେବ ବର୍ମା, ବୁର୍ଲାରୁ ପ୍ରେମଚାନ୍ଦ ରାଉତ, ବରପାଲିରୁ ଚନ୍ଦ୍ରଶେଖର ରାଉତ, ବରପାଲିରୁ ବିଜେନ୍ଦ୍ର ବେହେରା, ପଦ୍ମପୁରରୁ ସଂଯୁକ୍ତା ପ୍ରଧାନ, ପଦ୍ମପୁରରୁ ଗିରିଧାରୀ ସାହୁ, ଆମ୍ବଭୋନାରୁ ରାଜେନ୍ଦ୍ର ସିଂ ପ୍ରମୁଖ ଚିତ୍ରଶିଳ୍ପୀ ସାମିଲ ହୋଇଥିଲେ। ଚିତ୍ରଶିଳ୍ପୀ ମାନଙ୍କୁ ଗୁରୁବାର ରଙ୍ଗ ମହଲରେ ମହାରାଜ କଂସ ସମ୍ବର୍ଦ୍ଧିତ କରିଥିଲେ।

## ମହିଳା ମହାବିଦ୍ୟାଳୟକୁ ମହାରାଜ କଂସଙ୍କ ପରିଦର୍ଶନ

**ବରଗଡ଼, ୧୮।୧(ସମିସ):** ମହାରାଜ କଂସ ଗୁରୁବାର ମଥୁରାରେ ନଗର ଭ୍ରମଣ ସମୟରେ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟକୁ ପହଞ୍ଚିଥିଲେ। ସେଠାରେ ମହାରାଜ କଂସଙ୍କୁ ମହାବିଦ୍ୟାଳୟର ଅନ୍ତେବାସିନୀମାନେ ତାଙ୍କ ପ୍ରତିଛବି ରଙ୍ଗୋଲି ମାଧ୍ୟମରେ ଅଙ୍କନ କରି ସ୍ୱାଗତ କରିଥିଲେ। ମହାରାଜ କଂସ ଛାତ୍ରୀମାନଙ୍କ ପାଠ ପଢ଼ାରେ ଖୁସିବ୍ୟକ୍ତ କରିବା ସହ ପାଠପଢ଼ା ସମୟରେ ମୋବାଇଲର ସଦବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷ ଦଧିବାମନ ଦାଶଙ୍କଠାରୁ ବୁଝିଥିଲେ। ରଙ୍ଗୋଲିରେ ତାଙ୍କ ପ୍ରତିଛବି ଆଙ୍କିଥିବା ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।



## ପ୍ରଦର୍ଶିତ ହେଲା ସମ୍ବଲପୁରୀ ନାଟକ ‘ସାମ୍‌ନାରେ ଜଗନ୍ନାଥ’

**ବରଗଡ଼,୧୮।୧(ସମିସ):** ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଜଗନ୍ନାଥ ସଂସ୍କୃତି ଆଧାରିତ ନାଟକ ପରିବେଷଣ କରାଯାଇଥିଲା। ଓଡିଶା ସଂସ୍କୃତି ବିଭାଗ ଏବଂ ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ବରଗଡ଼ ସମଲେଶ୍ୱରୀ ସଂଘ ଦ୍ୱାରା ସମ୍ବଲପୁରୀ ନାଟକ ‘ସାମନାରେ ଜଗନ୍ନାଥ’ ମଞ୍ଚସ୍ଥ ହୋଇଥିଲା। ଉତ୍କଳ ଗୌରବ କଳାକାର ସଂଘ କାଦମ୍ବିନୀ ମଣ୍ଡପରେ ଏହି ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ଯୁବ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ପୌରାଧକ୍ଷା କଳ୍ପନା ମାଝୀ, କାଉନସିଲର କବିତା ବେହେରା, ସମାଜସେବୀ ଫକୀର କର୍ଣ୍ଣ, ସମଲେଶ୍ୱରୀ ସଂଘର ସଭାପତି ସମୀର ପ୍ରଧାନ, ଉତ୍କଳ ଗୌରବ କଳାକର ସଂଘର ସଭାପତି ବିଜୟ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ। ନାଟକକୁ ଅଧ୍ୟାପକ ଅଶୋକ ବେହେରା ନିର୍ଦ୍ଦେଶନା ଦେଇଥିବା ବେଳେ ସଞ୍ଜୟ ବେହେରା ସହନିର୍ଦ୍ଦେଶକ ଥିଲେ। ହେମେନ୍ଦ୍ର ମହାପାତ୍ରଙ୍କ ମୂଳ ରଚନାକୁ ପ୍ରୟାସ ରଞ୍ଜନ ବିର୍ତ୍ତିଆ ସମ୍ବଲପୁରୀରେ ଅନୁବାଦ କରିଥିଲେ। ବିଭିନ୍ନ ଭୂମିକାରେ ସଞ୍ଜୟ ପାଢୀ, ପ୍ରୟାସରଞ୍ଜନ ବିର୍ତ୍ତିଆ, ବିକାଶ ରଞ୍ଜନ ମିଶ୍ର, ମଳୟ ମିଶ୍ର, ଚୂଡ଼ାମଣି ସିଂ, କାଞ୍ଚନ ଚକ୍ରବର୍ତ୍ତି, ରତନ ଗୁରୁ, ସଞ୍ଜୟ ବେହେରା, ସନ୍ତୋଷ ଶତପଥୀ, ଅଭୟ ପ୍ରଧାନ, ଜିତେନ୍ଦ୍ର ସାହୁ, ପ୍ରିତମ ସାହୁ, ତରୁଣ ପଟେଲ, ମୋନାଲି ବଗର୍ତ୍ତି, ଛନ୍ଦାଲିଶା ତାଣ୍ଡି, ସୁମିକ୍ଷା ଡନସେନା ଅଭିନୟ କରିଥିଲେ। ଗୋପାଳ ମିଶ୍ର ଓ ପରିତୋଷ ବେହେରା ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଶୁଭମ ମହାପାତ୍ର କଣ୍ଠଦାନ କରିଥିଲେ।

## ବୋରାସମ୍ବର କ୍ରିକେଟ କପ୍: ଭୁବନେଶ୍ୱର ସେମିରେ

**ପଦ୍ମପୁର, ୧୮।୧ (ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆରେ ବୋରାସମ୍ବର ସ୍ପୋର୍ଟି ଦ୍ୱାରା ଆୟୋଜିତ ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ ଗ୍ରୁପ ବି ଦ୍ୱିତୀୟ ମ୍ୟାଚରେ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ଓ ଗୁଲବର୍ଗା ସିଟି ଇଲେଭେନ (କର୍ଣାଟକ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଗୁଲବର୍ଗା ପ୍ରଥମେ ଟସ୍ ଜିଣି ଫିଲ୍ଡିଂ କରିଥିଲେ। ବାପୁଜୀ ଦଳ ବ୍ୟାଟିଂ କରି ୨୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୫୪ ରନ୍ ସଂଗ୍ରହ କରିଥିଲା। ଗୁଲବର୍ଗା ଦଳ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୮ ରନ ସଂଗ୍ରହ କରି ୧୫୬ ରନରେ ପରାଜିତ ହୋଇଥିଲେ। ପୁରସ୍କାର ବିତରଣୀରେ ମୁଖ୍ୟଅତିଥି ଭାବରେ ପ୍ରଧାନ ଶିକ୍ଷୟିତ୍ରୀ ଲୋଭାଦିନୀ ସାହୁ ଯୋଗଦାନ କରିଥିଲେ। ଅମିୟ ଭୂଷଣ ସାହୁ ଓ ବିଶ୍ୱାମ୍ବର ମହାକୁଡ ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା ଥିଲେ। ରୋହିଣୀ ପାଣ୍ଡେ, ଏସ ଜୟକିସନ, କୁମାର ଆନନ୍ଦ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ଗ୍ରୁପ ବି ମ୍ୟାଚ୍ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଳୱେ ଓ ବିଲାସପୁର ସାଉଥ୍ ଇଷ୍ଟ ସେଣ୍ଟ୍ରାଲ ରେଳୱେ ମଧ୍ୟରେ ହେବ।

## ପୂର୍ବତନ ବନପାଳଙ୍କ ପରଲୋକ

**ପଦ୍ମପୁର, ୧୮।୧ (ସମିସ):** ପଦ୍ମପୁର ସତୀଭଟା ଗ୍ରାମର ପୂର୍ବତନ ଫରେଷ୍ଟର (ବନପାଳ) ଖଗେଶ୍ୱର ବୁଡେକଙ୍କ ବର୍ଷ ୬୯ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ପଦ୍ମପୁର ପଣ୍ଡରା ସମାଜ କେନ୍ଦ୍ରର ସ୍ଥାୟୀ ସଦସ୍ୟ ଥିଲେ। ତାଙ୍କ ପଛରେ ଧର୍ମପତ୍ନୀ, ତିନି ପୁଅବୋହୂ, ନାତିନାତୁଣୀ ଙ୍କୁ ଛାଡି ଚାଲି ଯାଇଛନ୍ତି। ବଡ଼ପୁଅ ଶ୍ରୀକାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗ ପଦ୍ମପୁର ଅଞ୍ଚଳରେ ଶୋକ ଖେଳିଯାଇଛି।



## ବରଗଡ଼ରୁ ଶ୍ରୀକ୍ଷେତ୍ରକୁ ଗଡ଼ିଲା ଶ୍ରୀଜଗନ୍ନାଥ ଏକ୍ସପ୍ରେସ

**ବରଗଡ଼,୧୮।୧(ସମିସ):** ବରଗଡ଼ ସଦର ମହକୁମାରୁ ଶ୍ରୀକ୍ଷେତ୍ର ଅଭିମୁଖେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସରକାରୀ ବସସେବାର ଶୁଭାରମ୍ଭ ହୋଇଯାଇଛି। ବରଗଡ଼ ଜିଲ୍ଲାପାଳ



ମୋନିଷା ବାନାର୍ଜିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ରାଜ୍ୟ ହସ୍ତତନ୍ତ ବୟନ ଶିଳ୍ପମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ଆରଟିଓ ସାବୁଆ ମାଝୀ, ଏମଭିଆଇ ସୁଷମା ସାହୁ, ପୌରାଧକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡାଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଏହି ବସ ସେବାରେ ମହିଳା ଯାତ୍ରୀଙ୍କ ଟିକେଟରେ ୫୦ ପ୍ରତିଶତ ରିଆତି ମିଳିବ ବୋଲି

**ମହିଳା ଯାତ୍ରୀଙ୍କୁ ୫୦ ପ୍ରତିଶତ ରିଆତି**

ରାଜ୍ୟ ସରକାରଙ୍କ ତରଫରୁ ସୂଚନା ପ୍ରଦାନ କରାଯାଇଛି। ବରଗଡ଼ରୁ ସନ୍ଧ୍ୟାରେ ବାହାରି ସକାଳେ ପୁରୀରେ ପହଞ୍ଚିବ। ପୁରୀରୁ ପୁଣି ସେହିଦିନ ସନ୍ଧ୍ୟାରେ ବାହାରି ତା ପରଦିନ ବରଗଡ଼ରେ ପହଞ୍ଚିବ। ଏହି ସରକାରୀ ବସ ସେବା ମିଳିବା ପରେ ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ପୂରଣ ହେବା ସହ ଯାତ୍ରୀମାନେ ସୁବିଧାରେ ପୁରୀ ଯାଇପାରିବେ।

## ସାମ୍ବାଦିକଙ୍କ ମାତୃ ବିୟୋଗ

**ବରଗଡ଼,୧୮।୧(ସମିସ):** ବିଜେପୁର ବ୍ଲକ ସାମ୍ବାଦିକ ଜିତେନ୍ଦ୍ରିୟ ମେହେରଙ୍କ ମାତା ସୂର୍ଯ୍ୟକାନ୍ତି ମେହେର(୮୦)ଙ୍କ ପରଲୋକ



ହୋଇଯାଇଛି। ନିଜ ବାସଭବନରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ପରଲୋକ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଚାରିପୁଅ ମହେନ୍ଦ୍ର, ଗଜେନ୍ଦ୍ର, ଜିତେନ୍ଦ୍ରିୟ, ପାଣ୍ଡବଙ୍କ ସମେତ ପାଞ୍ଚ ପୁତ୍ରବଧୂ, ଦୁଇ ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣା, ପରୋପକାରୀ ମହିଳା ଥିଲେ । ବହୁ ମାନ୍ୟଗଣ୍ୟ ଅନ୍ତିମ ଦର୍ଶନ କରିଥିଲେ। ଜେ ନୂଆଁପାଲିସ୍ଥିତ ପୈତୃକ ଜମିରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ମହେନ୍ଦ୍ର ମେହେର ମୁଖାଗ୍ନି ଦେଇଥିଲେ।

## ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍: ସେମିରେ ସମ୍ବଲପୁର

**ଦହିତା, ୧୮।୧(ସମିସ):** ପଦ୍ମପୁର ବ୍ଲକ ଖଇରପାଲିରେ ରାଜ୍ୟସ୍ତରୀୟ ଏକାଦଶ ଗୋଲଡେନ ଷ୍ଟାର କ୍ରିକେଟ କପ୍ ଦ୍ୱିତୀୟ ଦିନ ତିନିଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍ ବୌଦ୍ଧ ଦଳ ଖଇରପାଲି ଦଳକୁ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍ ସମ୍ବଲପୁର ଦଳ ପଦ୍ମପୁର ଦଳକୁ ହରାଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲେ। ଏଥିରେ ସମ୍ବଲପୁର ଦଳ ବୌଦ୍ଧକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଆଦର୍ଶ ଥାନାଧିକାରୀ ମମତା ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ମିଟୁ, ସୁନୀଲ, ଆନନ୍ଦ ବୁଦ୍ଧଦେବ ପ୍ରମୁଖ ଧାରା ବିବରଣୀ କରିଥିବା ବେଳେ ରାଜୀବ, ସନମ, ଦିଲ୍ଲିପ, ହନୁ ମ୍ୟାଚ ପରିଚାଳନା କରିଥିଲେ। ସାନୁ, ଚନ୍ଦନ, ଗୋକୁଳ, ଉମେଶ, ମୋହନ, ଦୟା, ଅର୍ଜୁନ, ସନ୍ତୋଷ, ପିଣ୍ଟୁ, ପପୁ, ସୁଶୀଲ ବିକାଶ, ସୁଜିତ, ପ୍ରଦୀପ, ଜଗନ୍ନାଥ ଦେବ ସହଯୋଗ କରିଥିଲେ।

## ଜାତୀୟ କୃଷକ ଦିବସ ପାଳିତ



**ବରଗଡ଼,୧୮।୧(ସମିସ):** ବରାହଗୁଡ଼ାସ୍ଥିତ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦କୁ ଗ୍ରହଣ କରି ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀର ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନିଆରା କୃଷି ପରିଦର୍ଶନର ଆୟୋଜିତ ହୋଇଯାଇଛି। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ କୃଷକଙ୍କ ବେଶଭୂଷାରେ ଆସି ସକାଳ ପ୍ରାର୍ଥନା ସଭାର ପରିବେଶକୁ ବର୍ଣ୍ଣାଢ୍ୟ କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପର ଅଧ୍ୟକ୍ଷ ମୁରଲୀ କ୍ରିଷ୍ଣାଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ଧାନକ୍ଷେତକୁ ଯାଇ ଧାନରୋପଣ କରିବାର ନିଆରା ଅନୁଭୂତି ଜୀବନରେ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ଅନୁଭବ କରିଥିଲେ। ଅଧ୍ୟକ୍ଷ ଶ୍ରୀ କ୍ରିଷ୍ଣା ଛାତ୍ରଛାତ୍ରୀଙ୍କ ଗହଣରେ ଧାନ ରୋପଣ କରି କୃଷକମାନଙ୍କ ଜୀବନ ଜୀବିକା, ସମସ୍ୟାକୁ ବଖାଣିବା ସହିତ ଦେଶର ଖାଦ୍ୟପେୟ, ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ ସାହୁ, ଶିକ୍ଷକ-ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ‘ନୂଆ-ଓ’ ବିଶ୍ୱ ଓଡ଼ିଆ ଭାଷା-ସଂସ୍କୃତି କାର୍ଯ୍ୟକ୍ରମ





**ପଦ୍ମପୁର/ବରପାଲି/ଭେଡେନ/ବରଗଡ଼, ୧୮।୧ (ସମିସ)**

‘ନୂଆ-ଓ’ ମାଧ୍ୟମରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଉଦାଘାଟନୀ ଉତ୍ସବରେ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନାରାଣୀ ନାଥ ଅଧ୍ୟକ୍ଷତା କରିଥିଲେ। ପରିଚାଳନା କମିଟିର ସଭାପତି ଅଖିଳ ପୁରୋହିତ ଏବଂ ମୁଖ୍ୟଅତିଥି ଭାବରେ ଜମଲା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସ୍ୱାଧୀନ ପଧାନ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ। କୁନ୍ତଳା ସାହୁ ପରିଚାଳନା କରିଥିଲେ। ନୋଡ଼ାଲ ଅଫିସର ଡ. ଚନ୍ଦ୍ରିକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର ସମ୍ମେଳନ ପ୍ରକୋଷ୍ଠରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉପଲକ୍ଷେ ତିନୋଟି ଭିତ୍ତିପ୍ରବନ୍ଧ ପାଠ କରାଯାଇଛି। ସଭାପତିତ୍ୱ କରିଥିଲେ କଲେଜର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା। ପ୍ରାରମ୍ଭିକ ସଙ୍ଗୀତଗାନ କରିଥିଲେ ଶକ୍ତିସ୍ୱରୂପା ପଣ୍ଡା। ଅଧ୍ୟାପକ ସନ୍ତୋଷ ମିଶ୍ରଙ୍କ ‘ଖଣ୍ଡକାବ୍ୟ ଶ୍ରୀଜଗନ୍ନାଥ’ ଉନ୍ମୋଚିତ ହୋଇଥିଲା। ପରିଚୟ ପ୍ରଦାନ କରିଥିଲେ ଡ. ସରୋଜ ନାଏକ। ସମୀକ୍ଷା କରିଥିଲେ ଡ. ପ୍ରମୋଦ ପାଢ଼ୀ ଏବଂ ଡ. ସୁଜିତ ପୃଷେଠ, ଡ. ବିରଞ୍ଚି ସାହୁ, ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର, ପ୍ରଧାପିକା ତାପିନି ପଣ୍ଡା, ଡ. ପ୍ରଦୀପ ପଣ୍ଡା, ଅଧାପକ ଜୟକୁମାର ଭୁଏ, ଅଧାପିକା ରିନା ଧର୍ମବିନାୟକ, ଅଧାପିକା ସୁରେଶ୍ୱରୀ ପାଣ୍ଡେ, ଅଧାପିକା ବୁନି ସାହୁ। ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଧାପିକା ପୂର୍ଣ୍ଣିମା ଦୋରା।



ବରପାଲି ମହାବିଦ୍ୟାଳୟରେ ଗୁରୁବାର ଓଡ଼ିଆ ଲୋକନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଅଧ୍ୟକ୍ଷା ଜୟନ୍ତୀ ଦାଶ ଉଦଘାଟନ କରିଥିଲେ। ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ବିଶ୍ୱମୋହନ ପଧାନ, ଶୁଭମ ବାରିକ ଓ ନରେନ୍ଦ୍ର କୁମ୍ଭାର ବିଚାରକ ଥିଲେ। ପ୍ରାଧ୍ୟାପକ ସୁଶୀଲ ଶତପଥୀ, ଅଧ୍ୟାପକ ଧିରୋଜ ତ୍ରିପାଠୀ, ଅଧ୍ୟାପକ ଅରୁଣ ବାରିକ, ଅଧ୍ୟାପକ ବିଶ୍ୱନାଥ ସାହୁ, ସୁନୀଲ ଦାଶ, ସୁମନ୍ତ ଶତପଥୀ ଓ ମୋନିକା ପ୍ରଧାନ ପରିଚାଳନା କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ଉତ୍ତର ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ବାଳକୃଷ୍ଣ ପଟେଲ, ସଂଗ୍ରାମ ରଥ, ସିମ୍ରନ୍ ଗହିର ଓ ଶିଖା ବାରିକ ସହଯୋଗ କରିଥିଲେ।

ବରପାଲି ବ୍ଲକ କନବାର ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସାନନ୍ଦ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ସମ୍ମାନିତ ଅତିଥି ଭାବରେ ବ୍ଲକ



ଶିକ୍ଷାଧିକାରୀ ମୁକୁନ୍ଦ ମାହାରା, ସ୍କୁଲ ପରିଚାଳନା ଅଧ୍ୟକ୍ଷ ଅମୂଲ୍ୟ ପଧାନ ଆଲୋଚନା କରିଥିଲେ। ହିନ୍ଦୀ ଶିକ୍ଷକ ବଳରାମ ନାଏକ ସଂଯୋଜନା କରିଥିଲେ। ସଂସ୍କୃତ ଶିକ୍ଷକ ପ୍ରଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ କମିଟି ସଭ୍ୟ ଗୁରୁଦେବ ପଧାନ, ଯାଦବ ପଧାନ, କୈଳାସ ପଧାନ, ବେବି ନାୟକ, ଦମୟନ୍ତି ବିଶି ସହାଯୋଗ କରିଥିଲେ।

ଭେଡେନସ୍ଥିତ ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଂଜନ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ମୁଖ୍ୟବକ୍ତା ଭାବରେ ଭେଡେନ ପାକ୍ସ ସଭାପତି ହରିଶଙ୍କର ବେହେରା, ସମ୍ମାନିତ ଅତିଥି ଭାବରେ ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ଶିକ୍ଷକ ଅରୁଣ ଭୋଇ, ଶିକ୍ଷକ ଦିଲୀପ କର୍ମୀ, ପରିଚାଳନା କମିଟିର ସଭାପତି କାଞ୍ଚନ ସୁନା ପ୍ରମୁଖ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା କ୍ଷୁଦ୍ର ନାଟକ ‘ଲେଙ୍ଗଡ଼ା ରାଜ’ ପରିବେଷିତ ହୋଇଥିଲା। ସହକାରୀ ଶିକ୍ଷକ ବନମାଳି ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।

ଖୁଣ୍ଟପାଲିସ୍ଥିତ ବାବା ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ତଥା ଗୀତ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡୋଲାମଣି ସାହୁଙ୍କ ପରିଚାଳନା ଏବଂ ଅଧ୍ୟାପକ ବାସୁଦେବ ସାହୁ ଓ ଦୁର୍ଲଭ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମନୋଜ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅଧ୍ୟାପିକା ଋତୁଶ୍ରୀ ପାତ୍ର, ବବିତା ମେହେର ସହଯୋଗ କରିଥିଲେ। ଖୁଣ୍ଟପାଲି ସଂକୀର୍ତ୍ତନମଣ୍ଡଳୀ ସହାୟତାରେ ସ୍କୁଲର ଛାତ୍ରୀଙ୍କ ଦ୍ୱାରା ପରିବେଷିତ ଜଗନ୍ନାଥ ଜଣାଣ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

## ଭେଡେନ ତହସିଲ କାର୍ଯ୍ୟାଳୟ ଘେରିଲା ଚାଷୀ ସଙ୍ଗଠନ

**ଭେଡେନ, ୧୮।୧(ସମିସ):** ଭେଡେନ ବ୍ଲକ ୨୧ଟି ପଞ୍ଚାୟତର ଚାଷୀମାନେ ଇନପୁଟ ସବସିଡି ଓ ଫସଲବୀମା ଟଙ୍କା ପାଇଁ ଭେଡେନ ତହସିଲ କାର୍ଯ୍ୟାଳୟକୁ ଘେରିଥିଲେ। ଚାଷୀନେତା ନରେନ୍ଦ୍ର ଭୋଇ, ଉପେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ବାବା ସିଦ୍ଧେଶ୍ୱର ମନ୍ଦିରରୁ ଏକ ବାଇକ୍ ରାଲି କରାଯାଇଥିଲା। ଚାଷୀ ନେତା ରମେଶ ମହାପାତ୍ର ମଧ୍ୟ ସାମିଲ ହୋଇଥିଲେ। ଗତ ସାମୁଦ୍ରିକଝଡ଼ ପ୍ରଭାବରେ କ୍ଷୟକ୍ଷତି ମିଳି ନଥିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ବରଗଡ ଜିଲ୍ଲାର ୪୧ହଜାର ୯୭ହେକ୍ଟର କ୍ଷୟକ୍ଷତିର ଆକଳନ ହୋଇଥିବା ବେଳେ ଭେଡେନ ବ୍ଲକକୁ ୯୭୬୧ ହେକ୍ଟରର ଆକଳନ ରିପୋର୍ଟ ଯାଇଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାଷୀମାନେ ଏକ ଦାବିପତ୍ର ଭେଡେନ ଅତିରିକ୍ତ ତହସିଲଦାର ଦେବାନନ ସାହୁଙ୍କୁ ପ୍ରଦାନ କରିଛନ୍ତି। ସୁଦାମ ଚରଣ ପାତ୍ର, ବିଶ୍ୱଜିତ ହୋତା, ଦୁମେଶ ପଧାନ, ସୁଦାମ ଭୋଇ, ପ୍ରମୋଦ ଭୋଇ, ଆନନ୍ଦ ସୁନା, ନୀଳାମ୍ବର ସାହୁ, ସରୋଜ ବାରିକ, ଦେବେନ୍ଦ୍ର ପଧାନଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ।



ସକାଳ
THE SAKALA



# ସରକାରୀ କଲେଜ ଦାବିରେ ଛାତ୍ର ସଂଘର ରାଲି ଓ ଦାବିପତ୍ର

ଝାରସୁଗୁଡ଼ା, ୧୮।୧(ସମିସ)

ଓଡ଼ିଶାର ଶିଳ୍ପଦ୍ୱାର ବୋଲାଉଥିବା ଝାରସୁଗୁଡା ଜିଲ୍ଲାରେ ସ୍ୱାଧୀନତାର ୭୬ବର୍ଷ ଓ ଜିଲ୍ଲା ଗଠନ ହେବାର ୩୦ବର୍ଷ ପରେ ମଧ୍ୟ ଗୋଟିଏ ହେଲେ ସରକାରୀ ମହାବିଦ୍ୟାଳୟ ନାହିଁ। ଫଳରେ ଏଠିକାର ଛାତ୍ରଛାତ୍ରୀମାନେ ଅନ୍ୟଜିଲ୍ଲାର ସରକାରୀ କଲେଜ ଉପରେ ନିର୍ଭର କରିବାକୁ ପଡୁଛି। ଜିଲ୍ଲାରେ ସରକାରୀ କଲେଜ ଦାବିକରି ଏଲଏନକଲେଜର ପୂର୍ବତନ ଓ ବର୍ତ୍ତମାନ ଛାତ୍ର ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଛାତ୍ର ସଂଘ ପକ୍ଷରୁ ପୁରୁଣା ବସଷ୍ଟାଣ୍ଡ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ଓ କେନ୍ଦ୍ରକୁ ଏହି ଜିଲ୍ଲାରୁ କୋଟି କୋଟି ଟଙ୍କାର ରାଜସ୍ୱ ଯାଉଛି। ଜିଲ୍ଲାରେ ଏକ ବିଶ୍ୱ ବିଦ୍ୟାଳୟ ତ ଦୂରର କଥା ସରକାରୀ କଲେଜଟିଏ ମଧ୍ୟ ନଥିବାରୁ ଛାତ୍ରଛାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ଗ୍ରହଣ




କରୁଥିବା ମୋଟ ଛାତ୍ରଛାତ୍ରୀଙ୍କ ୬୦ ପ୍ରତିଶତ ଅସ୍ୱଚ୍ଛଳ ତଥା ଅନୁସୂଚିତ ଜାତି ଓ ଜନଜାତି ବର୍ଗର। କିଛି ବର୍ଷ ହେଲା ଦେଖାଯାଉଛି ମୋଟ ଏହି ବର୍ଗର ଦଶରୁ ପନ୍ଦର ପ୍ରତିଶତ ଛାତ୍ରଛାତ୍ରୀ ପ୍ରତିବର୍ଷ ମଝିରୁ ପାଠପଢ଼ା ଛାଡି ଦେଉଛନ୍ତି। ସେହିପରି ସ୍ନାତକ ପରେ ପିଲା ସ୍ନାତକୋତ୍ତର ଓ ବିଇଡି ଶିକ୍ଷା ପାଇଁ ଜିଲ୍ଲାରେ କୌଣସି ବ୍ୟବସ୍ଥା ନାହିଁ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଝାରସୁଗୁଡା ଜିଲ୍ଲା ଗଠନ ହେବା ସମୟରେ ଜିଲ୍ଲାର ସଦର ମହକୁମାସ୍ଥିତ ସମସ୍ତ କଲେଜକୁ ସରକାରୀ ମାନ୍ୟତା ପ୍ରଦାନର କଥା ପ୍ରତିଶ୍ରୁତି ଦେଇଥିଲେ। ହେଲେ ଜିଲ୍ଲାର ସର୍ବ ପୁରାତନ କଲେଜ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ନା ପାଇଛି ସରକାରୀ ମାନ୍ୟତା ଆଉ ନାହିଁ ଏହି ମହାବିଦ୍ୟାଳୟରେ ଅଛି ଉଚ୍ଚତର ଶିକ୍ଷା ସ୍ନାତକୋତ୍ତର ଶିକ୍ଷାର ବ୍ୟବସ୍ଥା। ସେହିପରି ଜିଲ୍ଲାର ଉପାନ୍ତ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୯ଖଣ୍ଡ ମୌଜା ଅଞ୍ଚଳରେ ବହୁଦିନରୁ ଉଚ୍ଚ ଶିକ୍ଷା ପାଇଁ ବ୍ୟବସ୍ଥା କରିବାର ଆନ୍ଦୋଳନ ଚାଲି ଆସୁଛି। ହେଲେ ସରକାର ଅଞ୍ଚଳର ମୁରଲୀପାଲି ଠାରେ ଯୁକ୍ତ ଦୁଇ କଳା ପାଠ୍ୟକ୍ରମ ବିଶିଷ୍ଟ ଏକ କଲେଜ ଖୋଲିଦେଇ ଚୁପ ହୋଇ ବସି ରହିଛନ୍ତି। ନା ଖୋଲା ଯାଇ ପାରିଛି ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମ ଆଉ ନା ହିଁ ସ୍ନାତକ ମହାବିଦ୍ୟାଳୟ। ଆଗାମୀ ଦିନରେ ଜିଲ୍ଲାରେ ସରକାରୀ କଲେଜ ଖୋଲା ନଗଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଏଲଏନ୍ କଲେଜର ପୂର୍ବତନ ଓ ବର୍ତ୍ତମାନ ଛାତ୍ର ମାନେ ଚେତାବନୀ ଦେଇଛନ୍ତି।

## ଗ୍ୟାସ ସିଲିଣ୍ଡର ଚୋରି ଘଟଣାରେ ୯ ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା, ୧୮।୧(ସମିସ):** ବନହରପାଲି ଥାନା ଅନ୍ତର୍ଗତ ଦଲଗାଁ ଖମାରଡ଼ିହି ଠାରେ ଥିବା ଏଚପି ଗ୍ୟାସ ଗୋଦାମରୁ ଚୋରି ହୋଇଥିବା ୧୨୫ଟି ସିଲିଣ୍ଡରକୁ ଜବତ କରିବା ସହିତ ୯ ଜଣଙ୍କୁ ଗିରଫ କରିଛି ବନହରପାଲି ପୁଲିସ। ଗତ ୨୭ ଜୁନ ୨୦୨୩ ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ବନହରପାଲି ଥାନା ଅନ୍ତର୍ଗତ ଦଲଗାଁ ଖମାରଡ଼ିହିରେ ଥିବା ଏଚପି ଗ୍ୟାସ ଗୋଦାମର ତାଲା ଭାଙ୍ଗି ୧୨୫ ଗ୍ୟାସ ସିଲିଣ୍ଡର ଚୋରି କରିନେଇଥିଲେ। ଗ୍ୟାସ ଆଜେନ୍ସିର ମାଲିକ ଆନନ୍ଦ ଅଗ୍ରୱାଲ ଲିଖିତ ଭାବରେ ବନହରପାଲି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାର ୭ ମାସପରେ ବରଗଡ଼ ଜିଲ୍ଲା ଅତାବିରା ପୁଲିସ ସହାୟତାରେ ଅତାବିରା ଅଞ୍ଚଳରୁ ୧୨୫ଟି ଗ୍ୟାସ ସିଲିଣ୍ଡରକୁ ଜବତ କରିଛି। ୬ ଜଣ ଗ୍ୟାସ ଚୋରି କରିଥିବା ଅଭିଯୁକ୍ତ ସହ ଏହି ଗ୍ୟାସ ଟଙ୍କି କିଣିଥିବା ୩ ଜଣଙ୍କୁ ଗିରଫ କରିଛି ପୁଲିସ।



# ଜିଲ୍ଲାରେ ଗଡ଼ିଲା ଜଗନ୍ନାଥ ଏକ୍ସପ୍ରେସ ବସ୍

**ଝାରସୁଗୁଡ଼ା, ୧୮।୧ (ସମିସ):** ଲକ୍ଷ୍ମୀ ଯୋଜନାରେ ଜଗନ୍ନାଥ ଏକ୍ସପ୍ରେସ ବସ ସେବା ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ



**ଆଭାସି ମାଧ୍ୟମରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ**

**ମହିଳାଙ୍କୁ ମିଳିବ ୫୦ ପ୍ରତିଶତ ରିଆତି ଭଡ଼ା**

ନବୀନ ପଟ୍ଟନାୟକ। ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ସମେତ ୧୨ ଜିଲ୍ଲା ପାଇଁ ଏହି ବସ ସେବାର ଶୁଭାରମ୍ଭ କରିଛନ୍ତି। ପର୍ଯ୍ୟାୟକ୍ରମେ ରାଜ୍ୟର ୩୦ ଜିଲ୍ଲାରେ ଅନୁରୂପ ସେବା ଆରମ୍ଭ କରାଯିବ ବୋଲି କହିଛନ୍ତି। ଏହି ସେବା ଦ୍ୱାରା ମହିଳାମାନେ ଉପକୃତ ହେବେ ବୋଲି ସେ କହିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଏବେ ଗାଆଁ ଗାଆଁରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପାଇଁ ପଦକ୍ଷେପ ନିଆଯାଉଥିବାର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଆଭାସି କାର୍ଯ୍ୟକ୍ରମକୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପରିଚାଳନା କରିଥିଲେ। ପରିବହନ ମନ୍ତ୍ରୀ ଟୁକୁନି ସାହୁ, ପରିବହନ କମିଶନର ଉଷା ପାଢ଼ୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଝାରସୁଗୁଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର ନାୟକ ଓ ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠି ଉପସ୍ଥିତ ଥିଲେ। ୫୧ ସିଟ ବିଶିଷ୍ଟ ବାତାନୁକୂଳିତ ଏହି ବସ ପ୍ରତିଦିନ ରାତି ସାଢ଼େ ଆଠଟାରେ ଝାରସୁଗୁଡା ବସଷ୍ଟାଣ୍ଡରୁ ବାହାରି ପରଦିନ ସକାଳ ସାଢ଼େ ସାତଟାରେ ପୁରୀରେ ପହଞ୍ଚିବ। ସେହିପରି ବସ ପୁରୀରୁ ରାତି ସାଢ଼େ ଦଶଟାରେ ବାହାରି ପରଦିନ ସକାଳ ସାଢେ ସାତଟାରେ ଝାରସୁଗୁଡାରେ ପହଞ୍ଚିବ।



## ଟ୍ରକ୍‌କୁ ସାମ୍ନାପଟୁ ଧକ୍କାଦେଲା ପିକ୍‌ଅପ୍ ଗାଡ଼ି

**କିର୍ମିରା, ୧୮।୧(ସମିସ):** କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ଗ୍ରାମର ଶେଷମୁଣ୍ଡ ବୁଲାଣି ରାସ୍ତା ଦେଇ ସମୟ ସକାଳ ୮.୫୦ରେ ଝାରସୁଗୁଡା ପଟକୁ ଯାଉଥିବା ଏକ




ଧଳା ପିକଅପ ଗାଡି ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକକୁ ସାମ୍ନା ପଟୁ ଯୋରରେ ଧକ୍କା ଦେଇଥିଲା। ଯାହା ଫଳରେ ପ୍ରଚୁର ଶବ୍ଦ ହେବା ଯୋଗୁଁ ଆଖପାଖ ଅଞ୍ଚଳର ଲୋକେ ଚମକି ପଡିଥିଲେ। କେହି ଗୁରୁତର ହତାହତ ହୋଇ ନ ଥିବା ବେଳେ ଗାଡିର ଡ୍ରାଇଭର ଷ୍ଟିଅରିଂ ପାଖରେ ଚାପି ହୋଇ ରହିଥିଲେ। ଡ୍ରାଇଭର ଗାଡିରୁ ବାହାରିବା କ୍ଷଣି ଭୟରେ ଫେରାର ମାରିଥିଲା। ଗାଡିଟି ବେହେରାମାଳସ୍ଥିତ ମାର୍ବଲ କମ୍ପାନୀର ରହିଥିବା ଜଣାପଡିଥିଲା। ମାଲିକ ଖବରପାଇ ଘଟଣାସ୍ଥଳକୁ ଆସି ଗାଡିର ସାମ୍ନାପଟ ସହ ଅନେକ ଅଂଶ ଭାଙ୍ଗିଥିବା ଅଚଳ ଅବସ୍ଥାକୁ ଦେଖି କ୍ରେନ ସାହାଯ୍ୟରେ ଗାଡିଟିକୁ ନେଇଥିଲେ। ଏହି ବୁଲାଣି ସ୍ଥାନରେ ଥରେ ନୁହେଁ ବାରମ୍ବାର ନିୟମିତ ଭାବେ ଦିନେ କିମ୍ବା ଦୁଇଦିନ ପରେ ଦୁର୍ଘଟଣା ଘଟି ଚାଲିଛି। କୁହୁଡି ବର୍ଷା, ଗଛପତ୍ରର ଘଞ୍ଚାଳିଆ ସହ ବୁଲାଣି ଯୋଗୁଁ ଦୁର୍ଘଟଣା ଘଟିଥିବାର ଅନୁମାନ କରାଯାଇଥିଲା। ଖରା ବର୍ଷା ସବୁ ସମୟରେ ଏପରି ଦୁର୍ଘଟଣା ଘଟୁଥିବା ଯୋଗୁଁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହାସହ ରାସ୍ତାର ଗଛଡାଳ ସଫା କରିବା ସହ ଠିକ ଭାବରେ ମରାମତି ପାଇଁ ଉଚ୍ଚ କର୍ତ୍ତୃପକ୍ଷଠାରେ ଯାତ୍ରୀ, ପଥଚାରୀ, ଗ୍ରାମ ତଥା ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

**'ନୂଆ-ଓ' ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା**

## ଓଡ଼ିଆ ଲୋକ ନୃତ୍ୟଗୀତରେ ଝୁମିଲେ ଛାତ୍ରଛାତ୍ରୀ

**ବ୍ରଜରାଜନଗର, ୧୮।୧(ସମିସ):** ଓଡ଼ିଶା ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ରଜରାଜନଗର ମହାବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବ୍ରଜରାଜନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱ ଓ ମାର୍ଗଦର୍ଶନ ତଥା ନୂଆ-ଓ କାର୍ଯ୍ୟକ୍ରମ ଯୁକ୍ତ ତିନି ପ୍ରଭାରୀ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ, ଯୁକ୍ତ ଦୁଇ ପ୍ରଭାରୀ ପ୍ରାଧ୍ୟାପିକା ପଦ୍ମିନୀ ତ୍ରିପାଠୀ, ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଯୁକ୍ତ ତିନି ପ୍ରଭାରୀ ଅଧ୍ୟାପକ ଶ୍ରୀକର ଭୋଇ ଏବଂ ଯୁକ୍ତ ଦୁଇ ପ୍ରଭାରୀ ଅଧ୍ୟାପିକା ପଦ୍ମାବତୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଭଜନ, ଓଡ଼ିଆ ଗୀତ ଏବଂ ଓଡ଼ିଆ ଲୋକ ନୃତ୍ୟ (ଏକକ ଓ ଦଳଗତ) ପ୍ରତିଯୋଗିତା କରାଯାଇଥିଲା। ବିଶିଷ୍ଟ ବାଦ୍ୟକାର ଅବନୀ ଦାଶ, ନୃତ୍ୟ ଶିଳ୍ପୀ ଓ ନୃତ୍ୟ ଶିକ୍ଷକ ମମତା ସାହୁ ଓ ବିପିନ ସାହୁ ବିଚାରକ ଭାବରେ ଯୋଗଦେଇଥିଲେ। ସାହିତ୍ୟ ପ୍ରତିଯୋଗିତାର ମୁଖ୍ୟ ଡ଼ ରତୁପର୍ଣ୍ଣା ମହାନ୍ତି ପରିଚାଳନା କରିଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ, ଅଧ୍ୟାପକ ସୌମ୍ୟ ରଞ୍ଜନ ସାହୁ, ଅଧ୍ୟାପକ ଦେବେନ୍ଦ୍ର ସୁତାର, ପ୍ରବୀର ଦାସ, ପ୍ରକାଶଚନ୍ଦ୍ର ପଟ୍ଟନାୟକ, ଅଧ୍ୟାପିକା କବିତା ସାହୁ, ସୁଚିତ୍ରା ପ୍ରଧାନ, ଅଧ୍ୟାପକ ଇନ୍ଦ୍ରଜିତ ମୁଖି ସମେତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ଚୋରା ସାମଗ୍ରୀ ଜବତ, ୧ ଗିରଫ

**ଝାରସୁଗୁଡ଼ା,୧୮ ।୧(ସମିସ):** ଲଖନପୁର ପୁଲିସ କେତେକ ଚୋରା ସାମଗ୍ରୀ ଜବତ କରିବା ସହ ସଂପୃକ୍ତ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଲଖନପୁର ଗ୍ରାମର ସଞ୍ଜୟ ସାହୁ (୩୦)। ଅଭିଯୁକ୍ତ ସଞ୍ଜୟ ଗତ ୧୬ ତାରିଖ ବିଳମ୍ବିତ ରାତିରେ ତାଙ୍କ କକା ହେମସାଗର ସାହୁଙ୍କ ଘରୁ



ଟ୍ରାକ୍ଟରର ୨ଟି ପୁରୁଣା ଜ୍ୟାକ୍, ଗୋଟିଏ ପୁରୁଣା ବ୍ୟାଟେରୀ ଓ ଗୋଟିଏ ପୁରୁଣା ସାଇକଲ ଚୋରି କରିଥିଲା। ହେମସାଗର ଜାଣିବାକୁ ପାଇ ଲଖନପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଏହାସହ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ଆହୁରି ଅଧିକ ଚୋରା ସାମଗ୍ରୀକୁ ମଧ୍ୟ ପୁଲିସ ଅଭିଯୁକ୍ତ ସଞ୍ଜୟଠାରୁ ଜବତ କରିଛି। ଜବତ ଚୋରା ସାମଗ୍ରୀ ମଧ୍ୟରେ ୨ଟି ଏକ୍ସାଇଡ଼ ବ୍ୟାଟେରୀ, ଗୋଟିଏ ଆମରନ ବ୍ୟାଟେରୀ, ଗୋଟିଏ ଶକ୍ତି ଗୋଲ୍ଡ ବ୍ୟାଟେରୀ, ୨ଟି ପୁରୁଣା ଜ୍ୟାକ୍, ୨ଟି ପୁରୁଣା ସାଇକଲ ଆଦି ପୁଲିସ ଜବତ କରିଛି।

## ଅନ୍‌ଲାଇନ୍ ଋଣ ନାଁରେ ଲକ୍ଷେ ଠକେଇ

**ଝାରସୁଗୁଡ଼ା, ୧୮।୧(ସମିସ):** ଅନ୍‌ଲାଇନ୍ ଋଣ ପ୍ରଦାନ ନାଁରେ ସାଇବର ଲୁଟେରା ନେଇଗଲେ ୧ ଲକ୍ଷ ଟଙ୍କା। ସଦର ଥାନା ଅନ୍ତର୍ଗତ ଏକାତାଲିର ଜଣେ ବ୍ୟକ୍ତି ମୋବାଇଲ୍‌ରେ ଏକ ଅନ୍‌ଲାଇନ୍ ଋଣ ସମ୍ପର୍କରେ ବିଜ୍ଞାପନ ଦେଖିଥିଲେ। ଏହାପରେ ତାଙ୍କ ନିକଟକୁ ଏକ ଫୋନ୍ ଆସିଥିଲା। ଫୋନ୍ କରିଥିବା ଲୋକର କହିବାନୁସାରେ, ଉକ୍ତ ବ୍ୟକ୍ତି ଋଣ ପାଇଁ ଦସ୍ତାବିଜ୍ ଅପ୍‌ଲୋଡ୍ କରିବାକୁ ଏକ ଆପ୍ ଡାଉନ୍‌ଲୋଡ୍ କରି ନିଜର ସବୁ ତଥ୍ୟ ଦେଇଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ଟଙ୍କା କଟି ଯାଇଥିଲା। ଟଙ୍କା କଟିବା ପରେ ସେ ଠକେଇର ଶିକାର ହୋଇଥିବା ଜାଣି ପୁଲିସର ଦ୍ୱାରସ୍ଥ ହୋଇଛନ୍ତି।

**■ ଯୁବକକୁ ଛୁରାମାଡ଼ ଘଟଣା**

## ୩ ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରଜରାଜନଗର, ୧୮।୧(ସମିସ):** ସ୍ୱଷ୍ଟ ଦିବାଲୋକରେ ଯୁବକଙ୍କୁ ଛୁରାମାଡ଼ ଘଟଣାରେ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବ୍ରଜରାଜନଗର ପୁଲିସ। ବ୍ରଜରାଜନଗର ଥାନା ଅନ୍ତର୍ଗତ ଚଣ୍ଡୀ ମନ୍ଦିର ନିକଟ କତାବଗା ରାସ୍ତା ନିକଟରେ ଚୁନାଭଟାର ଅମିତ ମିଶ୍ର (୩୦)ଙ୍କ ବେକରେ କିଛି ଦୁର୍ବୃତ୍ତ ଛୁରାରେ ଆକ୍ରମଣ କରିଥିଲେ। ମାଁ ରାମଚଣ୍ଡୀ ମନ୍ଦିର ପାଣି ଟାଙ୍କିଠାରେ ଅମିତ ଛିଡ଼ା ହୋଇଥିବା ବେଳେ କିଛି ଦୁର୍ବୃତ୍ତ ଆସି ଅମିତଙ୍କ ବେକକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ଅମିତ ଘଟଣାସ୍ଥଳରେ ଚିତ୍କାର କରୁଥିବା ବେଳେ କିଛି ସ୍ଥାନୀୟ ଯୁବକ ଉଦ୍ଧାର କରି ମଣ୍ଡଳିଆସ୍ଥିତ କେନ୍ଦ୍ରୀୟ ହସ୍ପିଟାଲକୁ ନେଇଥିଲେ। ସେଠାରେ ଅମିତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ପୁଲିସ ତିନି ଜଣ ଅଭିଯୁକ୍ତ ଇଏସଆଇ ଛକର ଅମିତ ବାଗ (୨୫), ଓପିଏମ କଲୋନୀର ରାଜ ନନ୍ଦ (୧୯) ଓ ଇଏସଆଇ ଛକର ରୋହିତ ବେହେରା (୧୯)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ସ୍ୱର୍ଗତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ କମ୍ବଳ, ଫଳ ବଣ୍ଟନ

**ଝାରସୁଗୁଡ଼ା, ୧୮।୧(ସମିସ):** ଓଡ଼ିଶା ସରକାରଙ୍କ ଟାଣୁଆ ତଥା ପଶ୍ଚିମ ଓଡ଼ିଶା ସାଂଗଠନିକ ନେତା ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସଙ୍କ ତିଥି ଅନୁସାରେ ପ୍ରଥମ ଶ୍ରାଦ୍ଧବାର୍ଷିକ ଦିବସ ଉପଲକ୍ଷେ ନବ ଦାସ ଫାଉଣ୍ଡେସନ ତରଫରୁ ଜିଲ୍ଲାର ସମସ୍ତ ବୃଦ୍ଧାଶ୍ରମ, ଅନାଥ ଆଶ୍ରମ, କୁଷ୍ଠାଶ୍ରମ୍ ମାନଙ୍କରେ ତଥା ଉପକାରାଗାରରେ କମ୍ବଳ ଏବଂ ଫଳ ବଣ୍ଟନ କରାଯାଇଛି। ଝାରସୁଗୁଡ଼ା ବ୍ଲକ ଓ ବେଲପାହାଡ଼ ପୌର ପରିଷଦରେ ରୋଜାଲିନ ପଟେଲ, ନମିତା ନାଏକ, ଚିତ୍ରାଣୀ ପଟେଲ ଏବଂ ବେଲପାହାଡ଼ ପୌର ପରିଷଦ ଉପାଧକ୍ଷା ରୀନା ସୁନା ବଣ୍ଟନ କରିଥିବାବେଳେ ଝାରସୁଗୁଡ଼ା ପୌରାଞ୍ଚଳର ୱାର୍ଡ ନମ୍ବର ୭,୯, ୧୦, ୧୪, ୨୧ରେ ଝାରସୁଗୁଡ଼ା ପୌର ପରିଷଦ ଅଧକ୍ଷା ରାନୀ ହାତୀ, ସୂର୍ଯ୍ୟକାନ୍ତି ମହାପାତ୍ର, କାଜଲ ସିଂ, ରଜନୀ ପାଣ୍ଡେ, ଦୀପା ନାଏକ, ସରିତା ଅଗ୍ରୱାଲ, ନୱନିତ କୌର, ମଧୁମିତା ସୁଭ୍ରିଲ, ରିଙ୍କି କୌର, କିର୍ମିରା ବ୍ଲକର ସପ୍ନାମୟୀ ପଟେଲ, ଅଧ୍ୟକ୍ଷ କୃଷ୍ଣପ୍ରିୟା ସାହୁ, ରୀତା ବାଗ ସେହିଭଳି ଲଇକେରା ବ୍ଲକରେ ରୋଜାଲିନ ପଟେଲ, ନନ୍ଦିତା ନାୟକ ପ୍ରମୁଖ ବଣ୍ଟନ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ଧାରୁଆଡ଼ିହିସ୍ଥିତ ମନୋରୋଭା ଆଶ୍ରମରେ ଝାରସୁଗୁଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଟୁଲାବତି ମିଞ୍ଜ, ସବିତା ବାଗ, ସୀତା ନାୟକ, ଅଞ୍ଜୁକ୍ତା ବେହେରା ବ୍ରଜରାଜନଗର ପୌର ପରିଷଦ ଅଞ୍ଚଳରେ ଦ୍ରୁପଡି ମେହେର, କିରନ୍ ଛତ୍ରିଆ, ରୁନୁ ବାଗ, ନିକିତା ସେଠ୍, ରଜନୀ ପାଣ୍ଡେ ଲଖନପୁର ବ୍ଲକରେ ହିତେଶ୍ୱରି ତିହିରିଆ, ପାଙ୍କଜିନି ପ୍ରଧାନ, ସୁରଭି ଛତ୍ରିଆ, ଲିଲିମା ବାରିକ ଓ ଶାନ୍ତି ପ୍ରଧାନ ବଣ୍ଟନ କରିଥିଲେ। ସେହିପରି ଭାବେ ଝାରସୁଗୁଡ଼ା ଉପକାରାଗରରେ ତାପସରାୟ ଚୌଧୁରୀ, ତ୍ରିନାଥ ଗୁଆଲ, ସନ୍ଦିପ ଅବସ୍ତୀ, ହରିଶ ଗନାତ୍ରା, ରଘୁମଣି ପଟେଲ, ଅଶୋକ ଦାସ, ସିଦ୍ଧାର୍ଥ ସରକାର କମ୍ବଳ ଫଳ ବିସ୍କୁଟ ପ୍ରଭୃତି ବଣ୍ଟନ କରିଥିଲେ। ମିଶନ ଆଶ୍ରା, ମିଶନ ଆଶା ଲୋକ, ବୃନ୍ଦାମାଲ ସ୍ୱତନ୍ତ୍ର ସ୍କୁଲ, ଓଲ୍ଡେଜ ହୋମ, ବନ୍ଧପାଲି, ଡିଗ୍ନିଟି ହୋମ ସୁଲ୍ଡିଆ ପଡ଼ା, ଝାଡେଶ୍ୱରି ସ୍ପେସାଲ ସ୍କୁଲ ବୁଡ଼ାପରା, ସୁଧାର ଗୃହ କାପୁମାଲ, ଠକ୍କର ବାପା ସେବାଶ୍ରମ ବେଲପାହାଡ଼, ସ୍ୱାଭିମାନ ଗୃହ ବେହେରାମାଲ, ଡିଡିସି ସୁଲ୍ଡିଆ, ଇନ୍ଦ୍ରକୁଷ୍ଟ କଲୋନୀ, ଲେପର୍ଶି କଲୋନୀ, ଅଇନ୍ତାପାଲି ବୃଦ୍ଧାଶ୍ରମ, ବ୍ରଜରାଜନଗରସ୍ଥିତ କୁଷ୍ଟ କଲୋନୀ, ଆସା କିରଣ ଡିପୁପଡା, ଭସ୍ମାସ୍ଥିତ ମନୋର୍ଭା ଆଶ୍ରମ, ଧାରୁଆଡିହି ବୃଦ୍ଧାଶ୍ରମରେ ୧୭୮୮ ଜଣ ହିତାଧିକାରୀଙ୍କୁ ପିଣ୍ଟୁ ପାଢୀ, ଗୋବିନ୍ଦ ସିଂହାନିଆ, ଆଶିଷ ଶର୍ମାଙ୍କ ତତ୍ତ୍ୱାବଧାନରେ ଫଳ ଏବଂ କମ୍ବଳ ବଣ୍ଟନ କରାଯାଇଛି। ଝାରସୁଗୁଡ଼ା ପୌର ପରିଷଦ ଅଧକ୍ଷା ରାନୀ ହାତୀ ଏହି କାର୍ଯ୍ୟକ୍ରମରେ କହିଛନ୍ତି, ଝାରସୁଗୁଡ଼ା ଜିଲ୍ଲାବାସୀ ନବବାବୁଙ୍କୁ ଆଜି ବହୁତ ଝୁରୁଥିବା ବେଳେ ତାଙ୍କର ନୂତନ ଝାରସୁଗୁଡ଼ା ନିର୍ମାଣ ନବନିର୍ମାଣ ପଥରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ଜିଲ୍ଲାବାସୀ ନିଜକୁ ଆଗେଇ ନେବେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଅଟେ।



## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ

**ଝାରସୁଗୁଡ଼ା, ୧୮।୧(ସମିସ):** ଲଖନପୁର ବ୍ଲକର ସାଗରପାଲିଠାରୁ ସାରଙ୍ଗଡେରା ଓ ଫଠାରୁ କିରାରମା ଦୁଇଟି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି। ସାଗରପାଲିଠାରୁ ସାରଙ୍ଗଡେରା ରାସ୍ତାର ଅଟକଳ ରାଶି ୪ କୋଟି ୨୩ ଲକ୍ଷ ୩୮ ହଜାର ହୋଇଥିବାବେଳେ ଫଠାରୁ କିରାରମା ରାସ୍ତାର ବ୍ୟୟଅଟକଳ ରାଶି ୩ କୋଟି ୯୮ ଲକ୍ଷ ୮୯ ହଜାର କରାଯାଇଛି। ମୁଖ୍ୟଅତିଥି ଭାବରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଯୋଗଦେଇଥିବା ବେଳେ ସମ୍ମାନିତ ଭାବରେ ଲଖନପୁର ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଲଖନପୁର ଜୋନ ୩ ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପଲତା ସେଠ, ସରଣ୍ଡାମାଲ ସରପଞ୍ଚ ଝରଣା ସେଠ, ସମିତି ସଭ୍ୟ ରାଜେଶ୍ୱର ସିଂହ, ରାଜ୍ୟ ପରିଷଦ ସଦସ୍ୟ ଟିକେଶ୍ୱର ସେନାପତି, ଲଖନପୁର ବ୍ଲକ ଯୁବ ସଭାପତି ସୁବାସ ରାୟ, ରଞ୍ଜନ ଭୋଇ, ମକ୍ତାରି ନାଏକ, ଶିବୁ ପ୍ରଧାନ, ଲକ୍ଷ୍ମୀ ବେହେରା, ରାଜେନ୍ଦ୍ର ଦିଗଲ ଓ ଖିରୋଦ ପ୍ରଧାନ ଯୋଗ ଦେଇଥିଲେ।



# ସଂଖୋଲିଆ ରାଇସ୍‌ମିଲ୍ ସାଜିଛି ପ୍ରଦୂଷଣ ଘାତକ

ଲଖନପୁର, ୧୮।୧(ସମିସ)

ରାଜ୍ୟ ସରକାରଙ୍କ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରଦତ୍ତ ନିୟମାବଳୀକୁ କାର୍ଯ୍ୟକାରୀ କରିବାରେ ସ୍ଥଳବିଶେଷରେ ଉଦାସୀନତା ପରିଲକ୍ଷିତ ହେଉଛି। ଫଳରେ ଏହାକୁ ନେଇ ଦୁର୍ନୀତି ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ଆବଶ୍ୟକ ନିୟମ

**କୃଷି ସହ ବନ୍ୟ ଜୀବଜନ୍ତୁ ପ୍ରଭାବିତ**

ପାଳନ କରାଇବାରେ ବୋର୍ଡ ନିଜର କର୍ତ୍ତବ୍ୟକୁ ଭୁଲି ଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏନେଇ ବ୍ୟାପକ ସଚେତନତା କରାଯାଉଥିଲେ ମଧ୍ୟ ବିଭିନ୍ନ କଳକାରଖାନା କର୍ତ୍ତୃପକ୍ଷ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ତଥା ବିଧିବ୍ୟବସ୍ଥାକୁ ଉପେକ୍ଷା କରି ଚାଲିଥିବା ପରିଲକ୍ଷିତ ହେଉଛି। ଏହାହେଲେ ଦଣ୍ଡବିଧାନ ବ୍ୟବସ୍ଥା ଥିଲେ ମଧ୍ୟ ତାହା ବି କାର୍ଯ୍ୟକାରୀ ହେଉନାହିଁ। ଫଳରେ ଉପାନ୍ତ ଅଞ୍ଚଳରେ ଖୋଲାଖୋଲି ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ଉଲ୍ଲଂଘନ କରାଯାଉଛି।

ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ସୀମାନ୍ତ ବାଦିମାଲ ପଞ୍ଚାୟତ ଜାତୀୟ ରାଜପଥ ୪୯ ଜିରୋ ପଏଣ୍ଟସ୍ଥିତ ସଂଖୋଲିଆ ରାଇସମିଲ ଏହାର ଜ୍ୱଳନ୍ତ ଉଦାହରଣ ରହିଛି। ଯାହାକୁ ନେଇ ଅଞ୍ଚଳବାସୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି।




ଏହି ରାଇସମିଲରୁ ଅଳ୍ପ ଦୂରରେ ବାଦିମାଲ ଗାଁର ଯୁବ ଉଦ୍ୟମୀ ତଥା ଉଚ୍ଚଶିକ୍ଷିତ ଆଦିତ୍ୟ ଖମାରୀ କିଛି ବର୍ଷ ପୂର୍ବେ ବିଜୁ ବୋରୱେଲ୍ ଯୋଜନାରେ କୃଷିକ୍ଷେତ୍ରରେ ବିଭିନ୍ନ ପ୍ରକାର ଅର୍ଥକାରୀ ଫସଲ କରିଥିଲେ। ଏହି ରାଇସମିଲ ଚିମନିରୁ ବାହାରୁଥିବା ପାଉଁଶ ଗୁଣ୍ଡ ଦ୍ୱାରା ଚାଷୀଙ୍କ ଫସଲ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଏହି ଚାଷ ଜମିରେ କାର୍ଯ୍ୟ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବିପଦ ରହୁଛି। ଏହି ରାଇସମିଲର ବର୍ଜ୍ୟବସ୍ତୁ ପରିଚାଳନାରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଥିବା ବେଳେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ବ୍ୟାପକ ପାଉଁଶ ସହିତ ବ୍ୟାପକ ପ୍ଲାଷ୍ଟିକ ବସ୍ତା ଖୋଲା ଆକାଶ ତଳେ ପଡିରହିଛି। ଏହାଦ୍ୱାରା ନିକଟସ୍ଥ ଜଙ୍ଗଲରେ ଥିବା ବନ୍ୟ ଜୀବଜନ୍ତୁ ଉପରେ ଏହାର ପରିଣାମ ପଡିବା ସହ ବିଲୁପ୍ତ ହେବା ଆଶଙ୍କା କରୁଛନ୍ତି ଅଞ୍ଚଳର ପରିବେଶପ୍ରେମୀ। ଏସବୁ ସମସ୍ୟାକୁ ଗୁରୁତ୍ୱ ପ୍ରଦାନ କରି ପ୍ରଦୂଷଣ କରୁଥିବା ଏହି ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**ସେମାନଙ୍କ ମତ..**



ସଂଖୋଲିଆ ରାଇସମିଲ ନିର୍ମାଣ ଆରମ୍ଭରୁ ବାୟୁ, ଜଳ, ଜଙ୍ଗଲ ଆଦି ପ୍ରଦୂଷିତ ହୋଇଚାଲିଛି। ଯା'ଫଳରେ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। ଏହି ସଂସ୍ଥା ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରୁଛୁ।
**ଉଦ୍ଧବ ପଧାନ, ବରିଷ୍ଠ ନାଗରିକ, ବାଦିମାଲ**



ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ପାଳନ କରାଇବାରେ ଘୋର ଉଦାସୀନତା ଦେଖାଉଛି। ଯାହାକୁ ନେଇ ଏହାର କାର୍ଯ୍ୟଶୈଳୀ ଉପରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଦୂଷଣ ନିୟନ୍ତ୍ରଣ କରିବାରେ ବୋର୍ଡ ପଦକ୍ଷେପ ନେବା ଉଚିତ।
**ଶ୍ରୀବନ୍ତ ଚଇନି, ଆଇନଜୀବୀ ଓ ପାକ୍ସ ସଭାପତି**



ଏହି ସଂସ୍ଥାର ପ୍ରଦୂଷଣ ଦ୍ୱାରା ମୋର କୃଷିକ୍ଷେତ୍ର ସମ୍ପୂର୍ଣ୍ଣ ପ୍ରଭାବିତ ହେବାରେ ଲାଗିଛି। ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ଯାହା ଚାଷ ହେଉଛି ସବୁତକ ନଷ୍ଟ ହେବାରେ ଲାଗିଛି। ଏହାଦ୍ୱାରା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି।
**ଆଦିତ୍ୟ ଖମାରି, ଯୁବ ଚାଷୀ, ବାଦିମାଲ**

ଘଣ୍ଟେଶ୍ୱରୀ ମନ୍ଦିର ବିକଶିତ ହେବ

# ସାଢେ ୮ କୋଟିର ଟେଣ୍ଡର, ବୃଦ୍ଧି ପାଇବେ ପର୍ଯ୍ୟଟକ

ସମ୍ବଲପୁର, ୧୮।୧(ସମିସ)

ପଶ୍ଚିମ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ଚିପିଲିମାରେ ଅବସ୍ଥାପିତ ମା' ଘଣ୍ଟେଶ୍ୱରୀ ପୀଠ ଅନନ୍ୟ। ଶକ୍ତିପିଠ ଭାବେ ପରିଚିତ। ଯେଉଁଠି ଘଣ୍ଟି ବାନ୍ଧି ମନସ୍କାମନା କରାଯାଇଥାଏ ଓ ପୁରଣ ହେବା ପରେ ମଧ ଘଣ୍ଟିଦାନ କରାଯାଇଥାଏ। ବର୍ଷ ତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ପର୍ଯ୍ୟଟକଙ୍କ ସୁବିଧା ଓ ମନ୍ଦିର ବିକଶିତ କରିବା ପାଇଁ ସ୍ଥାନୀୟ ଲୋକ ଓ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥି ପାଇଁ ମଞ୍ଜୁର କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୮ କୋଟି ୫୦ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ଓବିସିସି ପକ୍ଷରୁ ଏହି ଉନ୍ନତିକରଣ କାମ ହାତକୁ ନିଆଯାଇଛି। ଖୁବ ଶିଘ୍ର ବିକଶିତ କାମ ଆରମ୍ଭ ହୋଇଯିବ ବୋଲି ଆଶା କରାଯାଉଛି।

ପର୍ଯ୍ୟଟନ ଋତୁରେ ମାଁ ଘଣ୍ଟେଶ୍ୱରୀଙ୍କ ପୀଠକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ସହରର କଚେରୀ ଛକରୁ ଚାଉଁରପୁରକୁ ଦ୍ୱିତୀୟ ମହାନଦୀ ସେତୁ ପରେ ଥିବା ରାସ୍ତା ଦେଇ ଘଣ୍ଟେଶ୍ୱରୀ ପୀଠକୁ ଯାତ୍ରା ସୁଗମ ହୋଇଛି। ମହାନଦୀ କୂଳରେ ସୁନ୍ଦର ପ୍ରାକୃତିକ ପରିବେଶରେ ରହିଛି ମା' ଘଣ୍ଟେଶ୍ୱରୀଙ୍କ ପୀଠ। ମା'ଙ୍କ ପୀଠରେ ଶୋଭା ପାଉଛି ଅନେକ ଛୋଟ ବଡ ଘଣ୍ଟି, ଯାହାର ଶବ୍ଦ ଶ୍ରଦ୍ଧାଳୁଙ୍କ ମନରେ ଭରି ଦିଏ ଅଫୁରନ୍ତ ଆଧ୍ୟାତ୍ମିକ ଚେତନା। ପୂଜକମାନେ କହିବା ଅନୁସାରେ ୧୭୭୦ ମସିହାରୁ ମା' ଘଣ୍ଟେଶ୍ୱରୀଙ୍କ ଆବିର୍ଭାବ ହୋଇଥିଲେ। ଏଠାରେ ମାନସିକ





ପୂରଣ ହେଲେ ଶ୍ରଦ୍ଧାଳୁମାନେ ମା'ଙ୍କ ମନ୍ଦିରରେ ଘଣ୍ଟି ବାନ୍ଧିବାର ମାନ୍ୟତା ରହିଛି। ତେବେ ରାଜ୍ୟର ଅନ୍ୟ ଦେବୀ ପୀଠମାନଙ୍କ ପରି ଏଠାରେ ବଳି ଦିଆଯାଏ ନାହିଁ। ଯାହା ଏହି ମନ୍ଦିରର ବିଶେଷତା ଅଟେ। ମାନସିକଧାରୀମାନେ ନିଜର ମାନସିକ ପୂର୍ଣ୍ଣ ହେବା ପରେ ମାନସିକ ପାଇଁ ରଖିଥିବା ଛେଳି କିମ୍ବା କୁକୁଡ଼ାକୁ ଏହି ସ୍ଥାନରେ ମା'ଙ୍କ ଉଦ୍ଦେଶ୍ୟରେ ଛାଡି ଦିଅନ୍ତି। ଛେଳି କିମ୍ବା କୁକୁଡ଼ାମାନେ ମନ୍ଦିର ପାଖରେ ନିର୍ଭୟରେ ରହିଆସୁଛନ୍ତି। ରାତି ସମୟରେ କୁକୁଡ଼ାଗୁଡିକ ଗଛ ଉପରେ ରହିଥାନ୍ତି। ଏହି ଜୀବମାନେ ଭକ୍ତଙ୍କ ମଧ୍ୟରେ ସହଜରେ ବିଚରଣ କରନ୍ତି। ପ୍ରତିଦିନ ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ବେଳେ ପର୍ଯ୍ୟଟନ ଋତୁରେ ସଂଖ୍ୟା ବୃଦ୍ଧି ପାଇଥାଏ। ଏଠାକାର ସବୁଜ ଶାନ୍ତ ପରିବେଶ ଏବଂ ନିକଟରେ ବହି ଯାଉଥିବା ମହାନଦୀର କୁଳୁକୁଳୁ ଶବ୍ଦ ପର୍ଯ୍ୟଟକମାନଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିଥାଏ। ଅନ୍ୟପଟେ ନିକଟରେ ଥିବା ଚିପିଲିମା ଜଳ ବିଦ୍ୟୁତ ପ୍ରକଳ୍ପ ପର୍ଯ୍ୟଟକଙ୍କୁ ଅଣ ଓସାରିଆ ବ୍ରିଜରେ ଚାଲିବାର ରୋମାଞ୍ଚକର ଅନୁଭୂତି ଦେଇଥାଏ। ସବୁଜିମା ଭରା ପରିବେଶ ଥାଇ ମଧ ଏହାର ବିକାଶ ଆଶାନୁରୂପ ହୋଇପାରୁ ନଥିଲା। ଏ ସମ୍ପର୍କରେ ମନ୍ଦିର ଟ୍ରଷ୍ଟ ସଞ୍ଜୟ ପୁଜାରୀ କହିଛନ୍ତି ମନ୍ଦିର ବିକାଶ ପାଇଁ ବିଭିନ୍ନ କାମ ଉପରେ ଦାବି କରାଯାଇଥିଲା। ପାନୀୟ ଜଳ ପ୍ରକଳ୍ପ, ଅତ୍ୟାଧୁନିକ ଶୌଚାଳୟ, ବିଶ୍ରାମଗୃହ, ଭୋଗ ଘର ଭଳି ଅନେକ ପ୍ରସ୍ତାବ ଦିଆଯାଇଥିଲା। ଅନୁମାନିକ ଭାବେ ୨୫ କୋଟି ବଜେଟ ରହିଥିଲା। ଏବେ ପ୍ରଥମ ପର୍ଯ୍ୟାୟରେ ୮ କୋଟି ୫୦ ଲକ୍ଷର ଟେଣ୍ଡର ଡକା ଯାଇଛି। କାମ ଆରମ୍ଭ ହେବ ବୋଲି କହିଥିଲେ।

## ସମ୍ବଲପୁର ରେଳ ମଣ୍ଡଳ ୬ ଦକ୍ଷତା ସିଲ୍ଡରେ ପୁରସ୍କୃତ

**ସମ୍ବଲପୁର, ୧୮।୧ (ସମିସ):** ସମ୍ବଲପୁର ରେଳ ମଣ୍ଡଳ ଭୁବନେଶ୍ୱର ଠାରେ ଆୟୋଜିତ ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୩ ସମାରୋହରେ ୬ ଗୋଟି ଦକ୍ଷତା ସିଲ୍ଡରେ ପୁରସ୍କୃତ ହୋଇଛି। ନିରାପତ୍ତା, ସିଭିଲ ଇଞ୍ଜିନିୟରିଂ, ମେକାନିକାଲ, ସୁରକ୍ଷା, ରେଳ ମଦଦ ଏବଂ ସର୍ବଶ୍ରେଷ୍ଠ ସ୍ୱଚ୍ଛ ଷ୍ଟେସନ (ଛୋଟ ଷ୍ଟେସନ ମଧ୍ୟରେ) ବରଗଡ଼ ରୋଡ଼ ଷ୍ଟେସନ) ପାଇଁ ପୁରସ୍କାର ମିଳିଛି। ମଣ୍ଡଳର ଶାଖା ଅଧିକାରୀଙ୍କ ସହ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ବିନୀତ ସିଂ, ମହାପ୍ରବନ୍ଧକ, ପୂର୍ବତଟ ରେଳ ପଥ ମନୋଜ ଶର୍ମାଙ୍କ ଠାରୁ ସିଲ୍ଡ ଗ୍ରହଣ କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ସିଂ ରେଳବାଇର ବିକାଶରେ ବହୁମୂଲ୍ୟ ଯୋଗଦାନ ପାଇଁ ଦକ୍ଷତା ସିଲ୍ଡ ପ୍ରାପ୍ତ ବିଭାଗମାନଙ୍କୁ ତଥା ସମସ୍ତ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ସେମାନଙ୍କୁ ଭବିଷ୍ୟତରେ ଅଧିକ ଉଚ୍ଚ ସଫଳତା ହାସଲ କରିବାକୁ ତଥା ଏହିପରି ଭାବନାକୁ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।




## ଶ୍ୟାମ ମେଟାଲିକ୍ସରେ ସଡ଼କ ସୁରକ୍ଷା ସପ୍ତାହ

**ସମ୍ବଲପୁର, ୧୮।୧ (ସମିସ):** ସଡ଼କ ସୁରକ୍ଷା ସପ୍ତାହର ସମାପନ ଦିବସ ଶ୍ୟାମ ମେଟାଲିକ୍ସରେ ଆଜି ସମ୍ପୂର୍ଣ୍ଣ ହୋଇଛି। ଏହି ଉପଲକ୍ଷେ ଶ୍ୟାମ ମେଟାଲିକ୍ସ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶ୍ରମିକମାନେ ରାସ୍ତାରେ ରାଲି କରି ସୁରକ୍ଷା ସହିତ ଗାଡ଼ି ଚଳାଇବା ପାଇଁ ଉତ୍ସାହିତ କରିଥିଲେ। ଏହି ଉପଲକ୍ଷେ ଶ୍ୟାମ ମେଟାଲିକ୍ସର ଡାଇରେକ୍ଟର ଶ୍ରମିକମାନଙ୍କୁ ଉଦ୍‌ବୋଧନ ଦେଇ ଯାନବାହାନ ସାବଧାନ ହୋଇ ଚଳାଇବା ସହ ଟ୍ରାଫିକ ନିୟମ ମାନିବା ପାଇଁ ପରାମର୍ଶ ଦେଇଥିଲେ। ପ୍ଲାଣ୍ଟର ଭି.ପି. ସଞ୍ଜିବ ମହାନ୍ତି ଶ୍ରମିକମାନଙ୍କ ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ କହିଥିଲେ। ମେନେଜର ଭୁପେନ୍ଦ୍ର ସିଂ କୁଶୱା ଶ୍ରମିକମାନଙ୍କୁ ରାସ୍ତାରେ ଗାଡ଼ିର ଗତି ନିୟନ୍ତ୍ରଣ କରି ଚଳାଇବା ପାଇଁ କହିଥିଲେ। ପ୍ଲାଣ୍ଟର ସେଫ୍‌ଟି ହେଡ୍ ଇନ୍ଦ୍ରଜିତ ସିଂ ଶ୍ରମିକମାନଙ୍କୁ ନିଶାମୁକ୍ତ ହୋଇ ଗାଡ଼ି ଚଳାଇବା ପାଇଁ ପ୍ରୋତ୍ସାହିତ କରିଥିଲେ।



## ୨୦ରେ ହେବ ବିଶାଳ ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୮।୧(ସମିସ)** ସମ୍ବଲପୁର ମହାନଗର ନିଗମ ରେମେଡ ପଡ଼ିଆରେ ଆସନ୍ତା ୨୦ ତାରିଖ ଏକ ବିଶାଳ ଋଣ ସମ୍ପ୍ରସାରଣ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ବିତୀୟମନ୍ତ୍ରୀ ପଙ୍କଜ ଚୌଧୁରୀ ଯୋଗ ଦେଇ ଉଦ୍‌ଘାଟନ କରିବେ। ସମ୍ବଲପୁର ଜିଲ୍ଲାର ୭୧ ହଜାର ଋଣ ଗ୍ରହିତାଙ୍କୁ ୨୩୦୦ କୋଟିରୁ ଅଧିକ ଟଙ୍କା ଋଣ ମଞ୍ଜୁର ପତ୍ର ପ୍ରଦାନ କରାଯିବ। କେନ୍ଦ୍ର ସରକାରଙ୍କ ପିଏମ ସ୍ୱନିଧୀ, ମୁଦ୍ରା ଯୋଜନା ରହିଛି। ଗୃହ, ଶିକ୍ଷା ଦେବା ଭଳି ଋଣ ମଧ ରହିଛି। ସରକାରଙ୍କ ଏହି ପଦକ୍ଷେପ ସମଗ୍ର ଜିଲ୍ଲାର ଆତ୍ମ ନିଯୁକ୍ତି ସୁଯୋଗ ବଢ଼ାଇବ ଓ ରୋଜଗାର ପଥ ସୁଗମ ହେବ ବୋଲି ଆଶା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜନ ପ୍ରତିନିଧି, ବିଭିନ୍ନ ବ୍ୟାଙ୍କ ଗୁଡିକର ଉଚ୍ଚ ଅଧିକାରୀ ବିଭିୟସେବାର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ଭିସୁଟ୍‌ରେ ଆଜି ଟେକ୍‌ଟ୍ରୋନିକ୍ସ ପ୍ରିମିୟର ଫେଷ୍ଟ

**ବୁର୍ଲା, ୧୮।୧(ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆସନ୍ତାକାଲି ଟେକଟ୍ରୋନିକ୍ସ ପ୍ରିମିୟର ଫେଷ୍ଟ ଓ ୨୦ରେ 'ଇଣ୍ଡଷ୍ଟ୍ରି-ଏକାଡେମିଆ କନକ୍ଲେଭ୍' ଆୟୋଜିତ ହେବ। ଏନେଇ ଆଜି ଭିସୁଟର ପକ୍ଷରୁ ସୂଚନା

**୨୦ରେ ଇଣ୍ଡଷ୍ଟ୍ରି-ଏକାଡେମିଆ କନକ୍ଲେଭ୍**

ଦିଆଯାଇଛି। ଟେକଟ୍ରୋନିକ୍ସ ହେଉଛି କଳ୍ପନା ଓ ଉଦ୍ଭାବନର ଏକ ସଂଯୋଗ। ଉଜ୍ଜ୍ୱଳତା, ସୃଜନଶୀଳତା ଓ ଅସୀମ ସମ୍ଭାବନାର ସହିତ ଟେକଟ୍ରୋନିକ୍ସ ଯାହା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ ଇଞ୍ଜିନିୟରିଂ ବିଭାଗର ପ୍ରିମିୟର ଫେଷ୍ଟ ଭାବରେ ପରିଚିତ ତାହା ଉଦ୍‌ଘାଟିତ ହେବ। ସେହିପରି ଜାନୁଆରୀ ୨୦ରେ ଇଣ୍ଡଷ୍ଟ୍ରୀ-ଏକାଡେମିଆ କନକ୍ଲେଭ୍ ନାମରେ ଏକ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ପ୍ରମୁଖ ବକ୍ତା ଭାବେ ଭିଭିଡିଆନ ଟେକ୍ନୋଲୋଜିସର ଭାଇସ-ପ୍ରେସିଡେଣ୍ଟ ଡ. ଅଜିତ୍ କୁମାର ପଣ୍ଡା, ବଡବିଲସ୍ଥିତ ଜିନ୍ଦଲ ଷ୍ଟିଲର ଆସୋସିଏଟ ଭାଇସ ପ୍ରେସିଡେଣ୍ଟ ଏମ.ବି. କେ ଦାସ, ଏନଆଇଟି ରାଉରକେଲାର ବରିଷ୍ଠ ପ୍ରଫେସର ଡ. ଏସ୍ କେ ଦାସ, ଏନଆଇଟି ଭୁବନେଶ୍ୱରର ବରିଷ୍ଠ ପ୍ରଫେସର ଡ. ସି ପେରୁମୁଲ୍ଲା, ବୈଜ୍ଞାନିକ



ତଥା ଗ୍ରୁପ ଡାଇରେକ୍ଟର ମି. ମିଲନ୍ କୁମାର ପଲ, ଡିଆରଡିଓ ଚାନ୍ଦୀନପୁରର ବରିଷ୍ଠ ବୈଜ୍ଞାନିକ ଡ. ପ୍ରଭାକର ମଲ୍ଲିକ୍ ପ୍ରମୁଖ ଯୋଗଦାନ କରିବେ। ଏଥିରେ ନୂତନ ଯୁଗରେ ସୁସ୍ଥ ଉଦ୍ୟୋଗିକ ବିକାଶ ପାଇଁ ବିଭିନ୍ନ ପ୍ରକାରର ଆଲୋଚନା କରାଯିବ। ଦୁଇଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ହାକାଥନ, କୁଇଜ୍, ସର୍କିଟ୍ ଡିଜାଇନିଂ ଠାରୁ ଆରମ୍ଭକରି ପୋଷ୍ଟର ଉପସ୍ଥାପନା ପର୍ଯ୍ୟନ୍ତ ବିଭିନ୍ନ ରୋମାଞ୍ଚକ ପ୍ରତିଯୋଗିତା ହେବ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଶୈକ୍ଷିକ ଓ ବୌଦ୍ଧିକ ବିକାଶର ମାର୍ଗଦର୍ଶନ ଦେବା ସହ ଭବିଷ୍ୟତ ପାଇଁ ଅମୂଲ୍ୟ ଜ୍ଞାନ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବଂଶୀଧର ମାଝୀଙ୍କ ଏବଂ ବିଭାଗୀୟ ଅଧ୍ୟକ୍ଷ ପ୍ରଫେସର ଡ. ହରିଶ କୁମାର ସାହୁଙ୍କ ସହଯୋଗ ଯୋଗୁଁ ଇଲେକ୍ଟ୍ରୋନିକସ ଏବଂ ଟେଲିକମ୍ୟୁନିକେସନ ବିଭାଗ ଏହି କାର୍ଯ୍ୟକ୍ରମକୁ ସୁଫଳ ଭାବେ ସମ୍ପାଦନ କରିବା ପାଇଁ ଆଶା ରଖିଛି।

## ସେଣ୍ଟ ଜାଭିଅର ସ୍କୁଲରେ ବାର୍ଷିକ ଉତ୍ସବ

**ସମ୍ବଲପୁର, ୧୮।୧ (ସମିସ):** ସ୍ଥାନୀୟ କାଇଁଶିର ରୋଡ୍ ସିଂହପାଲି ସ୍ଥିତ ସେଣ୍ଟ ଜାଭିଅର ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଛି। ଅଧ୍ୟକ୍ଷା ଶୋଭାମୟୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡାଦିବସ ଉଦଯାପନୀ ଉତ୍ସବରେ ବଜରଙ୍ଗଦଳ ପୁର୍ବତନ ରାଜ୍ୟ ସଂଯୋଜକ ଇଂ ସୁଧୀର ରଞ୍ଜନ ବହିଦାର, ଡ. ସୁରେନ୍ଦ୍ର ସାହୁ, ରେଖା ମଞ୍ଜୁ ଦେ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ର ଜୀବନରେ କ୍ରୀଡାର ମହତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏକ ଦିବସୀୟ ପ୍ରତିଯୋଗିତାରେ ବିବିଧ କ୍ରୀଡା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟର ପ୍ରତିଷ୍ଠାତା, ନିର୍ଦ୍ଦେଶକ, ସଭାପତି, ଶିକ୍ଷୟିତ୍ରୀବୃନ୍ଦ ଏବଂ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।




## ବିଜେଡିର ୱାର୍ଡସ୍ତରୀୟ ବୈଠକ

**ସମ୍ବଲପୁର, ୧୮।୧(ସମିସ):** ସମ୍ବଲପୁର ବିଧାନସଭା କ୍ଷେତ୍ର ବିଜେଡିର ୱାର୍ଡ ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୨୪ର ରାନୀ ବଖରୀ



ଏବଂ ୱାର୍ଡ ନଂ.୩୧ର ଲାୟନ୍ସ କ୍ଲବ ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମହାନଗର ନିଗମ ବିଜେଡି ସଭାପତି ସତୀଶ ବିଶିଙ୍କ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ବିଧାୟିକା ଡ. ରାସେଶ୍ୱରୀ ପାଣିଗ୍ରାହୀ, ରେଢ଼ାଖୋଲ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ ଇଂ ସିଦ୍ଧାର୍ଥ ଦାସ, ପର୍ଯ୍ୟବେକ୍ଷକ ଶୋଭାଗ୍ୟ ନାୟକ, ବିଜେଡି ପ୍ରବକ୍ତା ସଞ୍ଜୟ ବାବୁ, କେନ୍ଦୁ ପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ମହିଳା ପର୍ଯ୍ୟବେକ୍ଷକ ମିନତୀ ଦେବତା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ବୈଠକରେ ଜିଲ୍ଲା ମହିଳା ବିଜେଡି ସଭାପତି ବନ୍ଦିତା ରାଣୀ ମିଶ୍ର, ମହିଳା ମହାନଗର ନିଗମ ସଭାପତି ଡ. ସଂଯୁକ୍ତା ମେହେର, ମହିଳା ନେତ୍ରୀ ଉଷା ପ୍ରଧାନ, ସିପ୍ରା ମହାନ୍ତି, କଳ୍ପନା ମିଶ୍ର, ସୁରେଖା ସାହୁ, ରାଖୀ ମୁଣ୍ଡା, ନୀଳିମା ନାୟକ, ସସ୍ମିତା ଦୀପ, ଭୋଳା ମହନ୍ତମ, ଧର୍ମରାଜ ମରେଇ, ଲିଙ୍ଗରାଜ ପରିଡ଼ା, ପ୍ରଶାନ୍ତ ନାୟକ, ନିଶାନ୍ତ ବହିଦାର, ରାମକୃଷ୍ଣ ଖୁଣ୍ଟିଆ, ସୁବ୍ରତ ବକ୍ସି, ଦିପେନ୍ଦ୍ର ପଟେଲ ପ୍ରମୁଖଙ୍କ ସମେତ ସମସ୍ତ ୱାର୍ଡ କମିଟି ସକ୍ରିୟ ବିଜେଡି ସଦସ୍ୟ ଉପସ୍ଥିତ ଓ ରାନୀ ବଖରୀ ବୈଠକରେ ଯୁବ ନେତା ପ୍ରଦ୍ୟୋଷ ମହାନ୍ତି ଏବଂ ଲାୟନ୍ସ କ୍ଲବ ବୈଠକରେ ଯୁବ ନେତା ଅଶ୍ୱିନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁର ବିଧାନସଭାରେ ବିଜେଡିକୁ ବିଜୟ କରିବାକୁ ମତ ପ୍ରକାଶ ପଇଥିଲା। ସମସ୍ତ ନେତୃତ୍ୱ ଦଳ କିଭଳି ବିଜୟୀ ହେବା ସେନେଇ ବ୍ୟକ୍ତିଗତ ଭାବେ ମତ ଦେଇଥିଲେ। ଲୋକମାନଙ୍କ ସହିତ ମଧ ଆଲୋଚନା କରିଥିଲେ।



## ସମଲେଇ ପ୍ରକଳ୍ପ ଲୋକାର୍ପଣ ନିମନ୍ତେ ନିମନ୍ତ୍ରଣ



**ସମ୍ବଲପୁର, ୧୮।୧(ସମିସ):** ମାଁ ସମଲେଶ୍ୱରୀ ମନ୍ଦିରର ସମଲେଇ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୭ ଜାନୁଆରୀରେ ଲୋକାର୍ପଣ କରିବେ। ଦୁଇଟି ପର୍ଯ୍ୟାୟରେ ଏହି ପ୍ରକଳ୍ପର ଉଦଘାଟନ ହେବ। ସୂଚନା କେନ୍ଦ୍ର ଉଦ୍‌ଘାଟନ, ତୀର୍ଥଯାତ୍ରୀଙ୍କ ପାଇଁ ସୁବିଧା ସୁଯୋଗ, ମାର୍କେଟ୍ କମ୍ପ୍ଲେକ୍ସ, ପାର୍କିଂ, ଭୋଗ ମଣ୍ଡପ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତୀକ୍ଷା ଗୃହ ରହିବ। ପ୍ରକଳ୍ପର ସମୁଦାୟ ମୂଲ୍ୟ ୨୯୩ କୋଟି ଟଙ୍କା ରହିଛି। ସମଲେଇ ମନ୍ଦିର ପ୍ରକଳ୍ପର ଲୋକାର୍ପଣ ଉତ୍ସବ ନିମିତ୍ତ ନିମନ୍ତ୍ରଣ ପତ୍ର ନେଇ ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସହିତ ସେବାୟତ ଏବଂ ଜିଲ୍ଲା ବିଭାଗୟ ଅଧିକାରୀ ବିଭିନ୍ନ ମନ୍ଦିରକୁ ଯାଇ ନିମନ୍ତ୍ରଣ କଲେ। ବରଗଡ଼, ବଲାଙ୍ଗୀର, ମାଲକାନଗିରି, ରାୟଗଡ଼ା, ଢେଙ୍କାନାଳ, ଅନୁଗୁଳ ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ଥିବା ପ୍ରମୁଖ ମନ୍ଦିରକୁ ଆଜି ନିମନ୍ତ୍ରଣ କରାଯାଇଛି। ସେମାନେ ନେଇଥିବା ଗୁଆ, ନଡ଼ିଆ ଓ ନିମନ୍ତ୍ରଣ ପତ୍ର ଦେଇ ଆସନ୍ତା ଜାନୁଆରୀ ୨୭ ତାରିଖରେ ହେବାକୁ ଥିବା ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି।

## କାଉନସେଲିଂ ଶିବିର ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୧୮।୧(ସମିସ):** ଏସ୍ .ଏସ୍.ଏ ସମ୍ମିଳନୀ କକ୍ଷରେ ଖଣି ନିଯୁକ୍ତି ମେଳା କମ୍ କାଉନସେଲିଂ ଶିବିର ପାଇଁ ଆଜି ମଧ୍ୟାହ୍ନ ୧୨ଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁଆରୀ ୩୦ ଓ ୩୧ ତାରିଖରେ ସରକାରୀ ପଲିଟେକ୍ନିକ୍ କେନ୍ଦ୍ର, ରେଙ୍ଗାଲି ଏବଂ ଧନକଉଡା ଖେଳ ପଡ଼ିଆରେ ଏହି ଶିବିର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ପ୍ରଚାର ପ୍ରସାର, ୨୫-୩୦ଟି ଷ୍ଟଲ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପରିମଳ, ଚିକିତ୍ସା ସୁବିଧା, ସ୍ଥାନୀୟ ଶିଳ୍ପର ଅଂଶଗ୍ରହଣ, କର୍ମଚାରୀ ନିୟୋଜିତ, ଏଜେନ୍ସି ଗଠନ ଓ କୋର ଟିମ୍ ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। କୋର ଟିମରେ ଉପଜିଲ୍ଲାପାଳ, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା, ସଡ଼କ ପରିବହନ ଅଧିକାରୀ, ଓଡ଼ିଶା ରୁରାଲ ଡେଭଲପମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟିର ଡେପୁଟି ସିଇଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଦକ୍ଷତା ବିକାଶ ସହ ନିଯୁକ୍ତି ଉପନିର୍ଦ୍ଦେଶକ ରହିଛନ୍ତି। ଆଜିର ବୈଠକରେ ଦକ୍ଷତା ବିକାଶ ଓ ନିଯୁକ୍ତି ଉପନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ, ଅତିରିକ୍ତ ଇଓ ଜିଲ୍ଲା ପରିଷଦ ଟୁନୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ଅନାମିକା କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଉଦ୍‌ଯାପିତ

# ଘରୋଇ ଦଳକୁ ହରାଇ ୫୪ ପଏଣ୍ଟରେ କଟକ ଚାମ୍ପିଅନ୍

ସମ୍ବଲପୁର, ୧୮।୧(ସମିସ)

ବଡବଜାର ସ୍ଥିତ ଅନାମିକା କ୍ଲବ ପକ୍ଷରୁ ୧୫ ତମ ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତା ବା ଅନାମିକା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି କବାଡି ପ୍ରତିଯୋଗିତାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ସମ୍ବଲପୁରରୁ ୪ଟି ଦଳ ଭାଗ ନେଇଥିବାବେଳେ ଅନ୍ୟ ୮ଟି ଦଳ ଯଥାକ୍ରମେ କାଶଦା, ଝାରସୁଗୁଡା, ସୁନ୍ଦରଗଡ଼, ପିପିଲି, ରାଜଗାଙ୍ଗପୁର, କଟକ, ଦେବଗଡ଼ ତଥା ନୂଆପଡ଼ାର ରହିଛନ୍ତି। ଆଜି କ୍ୱାର୍ଟର ଫାଇନାଲ, ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ଅନାମିକା କ୍ଲବ ସହିତ ସମଲେଶ୍ୱରୀ ଯୁବ ସଂଘ ମ୍ୟାଚ ଅନୁଷ୍ଠିତ ହୋଇ ୧୮ ପଏଣ୍ଟରେ ଅନାମିକା କ୍ଲବ ମ୍ୟାଚକୁ ହାତେଇ ଫାଇନାଲରେ ପ୍ରବେଶ କରିଥିଲା। ୨ୟ ସେମିଫାଇନାଲ ନୂଆପଡ଼ା ସହିତ କଟକ ମଧ୍ୟରେ ହୋଇଥିଲା। ସେଥିରେ କଟକ ୯ ପଏଣ୍ଟ ହାସଲ କରି ଫାଇନାଲରେ ପ୍ରବେଶ କରିଥିଲା। ସେମି ଫାଇନାଲରେ ଅତିଥି ଭାବେ ସୁଧୀର ପୂଜାରୀ, ରାଜୁ ସଂଗଖଲୀୟା, ରାମଦାସ ପଣ୍ଡା ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚରେ କଟକ ୪୩- ଅନାମିକା ୨୮ ପଏଣ୍ଟ କରି କଟକ ଚାମ୍ପିଅନ୍ ହୋଇଛି। ମେନ୍ ଅଫ ଦ ମ୍ୟାଚ୍ ରାଜେଶ୍ ଦେହୁରୀ କଟକ, ବେଷ୍ଟ ଡିଫେଣ୍ଡର ଜଗନ୍ନାଥ ଭାଇ କଟକ, ମେନ୍ ଅଫ ଦ ଟୁର୍ଣ୍ଣାମେଣ୍ଟ ରାହୁଲ ଦାସ ଅନାମିକା କ୍ଲବ ପାଇଥିଲେ। ଦିଲୀପ ସାହୁ, ରାମଦାସ ପଣ୍ଡା, ରାଜେଶ୍ ସେଟ୍, ଭଜନ ତରୀୟା, ସୁବିର୍ ରାୟ, ସୁମନ୍ତ ବାଗ, ପ୍ରଶାନ୍ତ ସେଟ୍, କାର୍ତ୍ତିକ ବାରିକ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅଥିତି ଭାବେ ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହା, ସନି ଯାଦବ ଉପସ୍ଥିତ ଥିଲେ। ଅନାମିକ କ୍ଲବର ସଭାପତି ସଞ୍ଜୟ କୁମାର ଠାକୁର, ଉପ ସଭାପତି ଦିନେଶ ସେଟ୍, ବ୍ରହ୍ମାନନ୍ଦ ରାଉତ, ସାଧାରଣ ସମ୍ପାଦକ ରାଜେଶ୍ ସାହୁ, ସହ ସମ୍ପାଦକ ଅବିନାଶ ମିତ୍ର, ସନ୍ତୋଷିନୀ ସାହୁ, ଖେଳ ସମ୍ପାଦକ ରଞ୍ଜନ ସାହୁ, ମିଡିଆ ପ୍ରଭାରୀ ବାଦଲ ସେହ୍ରିୟା, ଉପଦେଷ୍ଟା ସରୋଜ ସାହୁ, ଘନ ପଟେଲ ବନମାଳୀ ସେଟ ସ୍ୱାଧୀନ ମେହେର, ମହେନ୍ଦ୍ର ମେହେର, ଅନିଲ ମେହେର, ରାହୁଲ, ନିଲୁ ବେହେରା ଉପସ୍ଥିତ ଥିଲେ।

